# ଶୁକ୍ରବାର ବ୍ରତ କଥା ବା
# ସନ୍ତୋଷୀ ମାତାଙ୍କର ପୂଜା ବିଧି



ଶ୍ରୀ ଶାରଦା ଷ୍ଟୋର
ଷ୍ଟେସନ ବଜାର
କଟକ-୩



ମା' ସନ୍ତୋଷୀ ବ୍ରତ ବା

# ଶୁକ୍ରବାର ବ୍ରତ କଥାକଥା

## ଗଣେଶ, ସରସ୍ୱତୀ ଓ ଦେବାଦେବୀଙ୍କ ଜଣାଣ
## (ଚଉଦ ଅକ୍ଷରୀ ବୃତ୍ତେ)

ଜୟ ଜୟ ଗଣନାଥ ଗଉରୀ ନନ୍ଦନ ।
ଜୟ ଜୟ ବିଘ୍ନେଶ୍ୱର ବିଘ୍ନ ବିନାଶନ ।୧।
ଜୟ ଜୟ ଭଗବତୀ ମାଗୋ ବୀଣାପାଣି ।
ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତି ତାରିଣୀ ।୨।
ଜୟ ଜୟ ଭୋଳାନାଥ ଭୋଳା ମହେଶ୍ୱର ।
ଜୟ ଜୟ ମହାଯୋଗୀ ଯୋଗୀ ଯୋଗେଶ୍ୱର ।୩।
ଜୟ ଜୟ ଶ୍ରୀରାମ ସୀତାଙ୍କ ଶ୍ରୀଚରଣ ।
ଜୟ ଜୟ ରାଧା କୃଷ୍ଣ ଶ୍ରୀରାଧାରମଣ ।୪।
ଜୟ ଜୟ ଯଦୁନାଥ ଯଶୋଦା ନନ୍ଦନ ।
ଜୟ ଜୟ ଜଗନ୍ନାଥ ଜଗତ ବନ୍ଦନ ।୫।
ଜୟ ଜୟ ସର୍ବ ଦେବାଦେବୀ ଯୋଗମାୟା ।
ଜୟ ଜୟ ଦଶ ଦିଗପାଳ ହୁଅ ସାହା ।୬।
ଜୟ ଜୟ ସାଧୁ ସନ୍ଥ ଗୋମାତା ବ୍ରାହ୍ମଣ ।
ଜୟ ଜୟ ଶ୍ରୀଗୁରୁ ଶ୍ରୀଚରଣେ ଶରଣ ।୭।
ଜୟ ଜୟ କଟକ ଚଣ୍ଡୀ ମହାମାୟୀ ।
ଜୟ ଜୟ ଗ୍ରାମଦେବୀ ମାଗୋ ଚମ୍ପାଦେଈ ।୮।
ଜୟ ଜୟ ସର୍ବ ଦେବ ଦେବୀଙ୍କୁ ଶରଣ ।
ଜୟ ଜୟ ମା' ସନ୍ତୋଷୀ ମାତାଙ୍କ ଶରଣ ।୯।
ଜୟ ଜୟ ସନ୍ତୋଷୀ ମାତାଙ୍କ ଶୁକ୍ରବାର ବ୍ରତ ।
ଦୁଃସାହସେ ଲେଖିବାକୁ ବଳୁଅଛି ଚିତ୍ତ ।୧୦।
ଅଜ୍ଞାନ ମୁଁ ଜ୍ଞାନହୀନ ଭକ୍ତି ଜାଣି ନାହିଁ ।
ସର୍ବେ ମମ କଣ୍ଠେ ବସି ପଦ ଦିଅ କହି ।୧୧।

## ପୂଜା ସାମଗ୍ରୀ

୧- ସନ୍ତୋଷୀ ମାତାଙ୍କ ଫଟ, ୨- କୁମ୍ଭ, ୩- ଆମ୍ବ ପତ୍ର, ୪- କଳସ, ୫- ନଡ଼ିଆ, ୬- କରିଆ (କନା), ୭- ଗୁଆ, ୮- ଝୁଣା, ୯- ସିନ୍ଦୂର, ୧୦- ଚନ୍ଦନ, ୧୧- ପୁଷ୍ପ, ୧୨- ଧାନ, ୧୩- ଦୁବ, ୧୪- ଘିଅ ଦୀପ, ୧୫- ବେଲପତ୍ର, ୧୬- ଚୂଡ଼ି, ୧୭- ଗୁଡ଼, ୧୮- ଫଳ, ୧୯-ପଞ୍ଚମୃତ୍ରୁଜ, ୨୦- ମିଷ୍ଟାନ୍ନ, ୨୧- ଧୂପ ଓ ଆଳତୀ ସାମଗ୍ରୀ ।

## ସନ୍ତୋଷୀ ମାତାଙ୍କ କଥା

### (ଗୋପୀଭାଷା ବୃତ୍ତେ)

ଶୁଣ ସୁଜନେ ଦେଇ ମନକର୍ଣ୍ଣ । ସନ୍ତୋଷୀ ମାତାଙ୍କ ପୂଜା ବିଧାନ ॥
ତାଙ୍କ ପିତାଙ୍କ ନାମ ଶ୍ରୀ ଗଣେଶ । ମାତାଙ୍କର ରୁଦ୍ଧି ନାମ ପ୍ରକାଶ ॥
ମୋତି ମାଣିକ ସୁନା ଧନଧାନ୍ୟ । ସୁନା ଚାନ୍ଦି ରତନ ପରିପୂର୍ଣ୍ଣ ॥
ସଫଳ ବ୍ୟବସାୟୀ ପରିବାର । ଦରିଦ୍ରତା ନାଶ ପୂର୍ଣ୍ଣ ଭଣ୍ଡାର ॥
କ୍ଳେଶ କଳହ ନାସ୍ତି ସୁଖ ଶାନ୍ତି । ପୂର୍ଣ୍ଣ ସଦନ ସନ୍ତାନ ସନ୍ତତି ॥
ସନ୍ତୋଷୀ ମାତାଙ୍କ ନାମ ଉଚ୍ଚାରି । ବିଘ୍ନ ବିନାଶି କାର୍ଯ୍ୟ ସିଦ୍ଧିକରି ॥
ମାତାଙ୍କ ଶ୍ରୀପଦେ ଚିତ୍ତ ଲଗାଇ । ବ୍ରତ ପାଇଁକି ଯା ଚିତ୍ତ ବଳଇ ॥
ବ୍ରତ ପାଳିବ ପ୍ରତି ଶୁକ୍ରବାର । ସ୍ନାନ ସଉଚାଦି ହୋଇ ନିଜର ॥
ଶୁକ୍ଳ ବସ୍ତ୍ର ପରିଧାନ କରିବ । ସେହି ଦିନ ଉପବାସ ରହିବ ॥
ଗୁଡ଼ ଭିଜା ଚଣା ରଖିବ ହସ୍ତେ । ବ୍ରତ ଗ୍ରନ୍ଥଟିକୁ ଶୁଣିବ ଚିତ୍ତେ ॥
ଜୟ ଜୟ ମା'ସନ୍ତୋଷୀ ମାତାକି । ଉଚ୍ଚ ସ୍ୱରରେ ଜୟଧ୍ୱନି ଦେଇକି ॥
ଶେଷେ ଗୁଡ଼ଚଣା ନେଇ ଗାଇକି । ଖୁଆଇବ ନିଜ ହସ୍ତେ ଦେଇକି ॥
କଳସରେ ଥିବା ଗୁଡ଼ ଚଣାକୁ । ପ୍ରସାଦ ଭାବେ ବାଣ୍ଟିବ ସଭିଙ୍କୁ ॥
ଜଳପୂର୍ଣ୍ଣ କରି ଥିବା କଳସେ । ସଜାଡ଼ିବ ପୂଜାଦ୍ରବ୍ୟ ହରଷେ ॥
ଗୁଡ଼ ଚଣା ଭିଜା ସଂଖ୍ୟାନୁଯାୟୀ । ନଡ଼ିଆ କଦଳୀ ଫଳାଦି ତହିଁ ॥
ନାନାଜାତି ଫଳ ତୋଳି ଆଣିବ । ଧୂପ ଘୃତ ପ୍ରଦୀପ ଜଳାଇବ ॥



ପଢ଼ାଇବ ବ୍ରତ ପୋଥି ଆଖ୍ୟାନ । ଭକତିରେ ଶୁଣିବ ଦେଇ କାନ ॥
ପୋଥିପଢ଼ା ଓ ଆଳତୀ ଶେଷରେ । ରଖିଥିବା ଜଳକୁ କଳସରେ ॥
ଘର ଚାରିଆଡ଼ରେ ଛିଞ୍ଚାଇବ । ଅବଶିଷ୍ଟ ତୁଳସୀ ମୂଳେ ଦେବ ॥
ପିଲା ନ ଥିଲେ କୁଟୁମ୍ବ ମଧ୍ୟରେ । ବାହାରୁ ଡାକି ଆଣିବ ସାଦରେ ॥
ଖଟା ଦେବନି କାହାରି ପତରେ । ଖଟା ପକାଇବ ନାହିଁ ଦ୍ରବ୍ୟରେ ॥
ବ୍ରତ ପାଳୁଥିବା ମାତା ମାଉସୀ । ଚିତ୍ତେ ଚିନ୍ତିବ ସନ୍ତୋଷୀ ସନ୍ତୋଷୀ ॥
ସନ୍ତୋଷୀ ମାତାଙ୍କୁ ଧ୍ୟାନ କରିବ । ପ୍ରତି ଶୁକ୍ରବାର ବ୍ରତ ପାଳିବ ॥
ଷୋଳ ଶୁକ୍ରବାର ପୂର୍ଣ୍ଣ ହୋଇଲେ । ଉଦ୍‌ଯାପନ ବ୍ରତ ପାଳିବ ଭଲେ ॥
ଏପରି ଭାବେ କଲେ ଏ ବ୍ରତ । ବାଞ୍ଛିତ ଫଳ ହୁଅଇ ପ୍ରାପତ ॥
ସନ୍ତୋଷୀ ମାତା ହୁଅନ୍ତି ପ୍ରସନ୍ନ । ନିର୍ଦ୍ଧନୀକୁ କରନ୍ତି ଧନବାନ ॥
ଅପୁତ୍ରିକକୁ ଦିଅନ୍ତି ସୁପୁତ୍ର । ଅଜ୍ଞାନୀକୁ କରନ୍ତି ଜ୍ଞାନବନ୍ତ ॥
ନିମ୍ନରେ ବର୍ଣ୍ଣିତ ସ୍ତ୍ରୀ ଲୋକ ପରି । ଯାଚିଣ ଫଳ ଦିଅନ୍ତି ସେପରି ॥
ଜୟ ଜୟ ମା' ସନ୍ତୋଷୀ ମାତାକି । ପାଦତଳେ କଳ୍ପତରୁ ଧାଇକି ॥

## ସନ୍ତୋଷୀ ମାତାଙ୍କ ବ୍ରତ ଉପାଖ୍ୟାନ

ଶୁଦ୍ଧଚିତ୍ତେ ଶୁଣ ମାତା ମାଉସୀ । ବ୍ରତ ପାଳିବ ରହି ଉପବାସୀ ॥
ସନ୍ତୋଷୀ ପଦରେ ଚିତ୍ତ ଲଗାଇ । ଏକାଗ୍ର ଚିତ୍ତେ ଯେ ଏହା ଶୁଣଇ ॥
ମନୋବାଞ୍ଛା ପୂର୍ଣ୍ଣ ମାତା କରନ୍ତି । ଅପୁତ୍ରୀକକୁ ସୁପୁତ୍ର ଦିଅନ୍ତି ॥
ଅଜ୍ଞାନୀ ଥିଲେ ଜ୍ଞାନବନ୍ତ ହେବ । ମୂରୁଖ ଥିଲେ ବିଦ୍ୟାପ୍ରାପ୍ତି ହେବ ॥
ଏବେ ଶୁଣନ୍ତୁ ଦେଇ ମନକର୍ଣ୍ଣ । ଏହି ବ୍ରତ ପୂରୁବ ଉପାଖ୍ୟାନ ॥
ଭଦ୍ରେଶ୍ୱର ଗ୍ରାମେ ଏକଇ ବୁଢ଼ୀ । ଥିଲା ଯେ ବୟସ ତା ତିନିକୋଡ଼ି ॥
ସାତଗୋଟି ଥିଲେ ତାର କୁମର । ରୋଜଗାର କରୁଥିଲେ ପ୍ରଚୁର ॥
ସାନ ପୁଅଟି ନିରୋଜଗାରିଆ । କାମ ଧନ୍ଦାକୁ ବଡ଼ ଅଳସୁଆ ॥
ନିଛନ୍ଦିଆ ସାଧା ସିଧା ସେ ଅତି । ତାର ଭାରିଯା ଅଟେ ବୁଦ୍ଧିମତୀ ॥
ଭଲ ପାଏ ବୁଢ଼ୀ ଛଅ ପୁଅକୁ । ରାନ୍ଧି ବାଢ଼ି ପରଷଇ ତାହାଙ୍କୁ ॥

ଛଅ ପୁଅ ଖିଆପିଆ ଶେଷରେ । ଯାହା ଛାଡ଼ି ଯାଇଥାନ୍ତି ପତରେ ॥
ସବୁ ଏକତ୍ର କରି ଅଇଁଠାକୁ । ଖାଇବାକୁ ଦିଏ ସାନ ପୁଅକୁ ॥
ମନ କଥା ମନେ ମନେ ରଖିଣ । ଯାଇ ବୁଢ଼ୀକୁ କହିଲେ ତକ୍ଷଣ ॥
ମାତା ଯାଉଛି ବିଦେଶକୁ ଯିବି । ଆଉ ଏ ଘରେ କ୍ଷଣେ ନ ରହିବି ॥
ସାନ କଥା ଶୁଣି ରାଗରେ ବୁଢ଼ୀ । ଏବେ ଯାଉନୁ କହିଲା ବିଗିଡ଼ି ॥
ଯାଉଅଛି କହିଣ ବାହାରିଲା । ଲୁଗା ପଟା ଦି ଖଣ୍ଡ ସଙ୍ଗେ ନେଲା ॥
ଯାଇ ନିଜ ସ୍ତ୍ରୀ ନିକଟେ ମିଳିଲା । ସେତ ଗୁହାଳ ପୋଛୁଛି ଦେଖିଲା ॥
ଆଜି ଯାଉଅଛି ମୁଁ ଦେଶ ବିଦେଶ । ମୋତେ ବିଦାୟ ଦିଅ ହୋଇ ତୋଷ ॥
ରହିଥିବୁ ସହି ଦୁଃଖ କଷ୍ଟକୁ । ଧୈର୍ଯ୍ୟଧରି ଆଦରିଣ ଭାଗ୍ୟକୁ ॥
କିଛି ଦିନାନ୍ତେ ଆସିବି ମୁଁ ଫେରି । ରହ ସେତେ ଦିନ କର୍ମ ଆଦରି ॥
ଶୁଣି ସାନ ବୋହୂ ଶୋକେ ଅଧୀର । ହୋଇ ସ୍ୱାମୀକୁ କହଇ ଉତ୍ତର ॥
ଯେଣେ ଇଚ୍ଛା ତୁମେ ତେଣିକି ଯାଅ । କିଛି ସଙ୍କେତ ମତେ ଦେଇଯାଅ ॥
କେବଳ ମୁଦିଟି ଅଛି ମୋହର । ନିଅ ରଖ ସାଇତିତୋ ପାଖର ॥
କିନ୍ତୁ ତୁମେ କିଛି ଦିଅ ଚିହ୍ନଟ । ନିଅ ମୋ ହାତ ଗୋବର ଚିହ୍ନଟ ॥
ଏତେ କହି ସେ ସ୍ୱାମୀକୁ ବିଦାୟ । ଦେଲା ପଣତରେ ପୋଛିଣ ଲୁହ ॥
ଜୟ ସନ୍ତୋଷୀ ମାତାଙ୍କ ଚରଣ । ସଦା କଳ୍ପତରୁ ମାଗେ ଶରଣ ॥

## ସାନ ପୁଅର ବିଦେଶ ଯାତ୍ରା

ଏଥୁ ଅନନ୍ତରେ ଶୁଣ ସୁଧୀର । ସାନ ପୁଅ ହେଲା ଘରୁ ବାହାର ॥
ଯାଇ ପ୍ରବେଶିଲା ଏକ ଦେଶରେ । ପହଞ୍ଚିଲା ସାଉକାର ପାଖରେ ॥
ତାର ଦୋକାନରେ କଲା ଚାକିରୀ । ସଉଦା ପତ ସେ କଲା ବିକିରି ॥
କିଣା ବିକାରେ ହେଲା ଧୁରନ୍ଧର । ଦେଖି ଖୁସିରେ ଦିନେ ସାଉକାର ॥
ଡାକି ଦୋକାନ ଅଂଶୀଦାର କଲା । କିଛିଦିନ ଏହିପରି ବିତିଲା ॥
ଆଉ ଦିନେ ବସାଇଣ ପାଖର । ବୋଲେ ଆଜି ଏ ଦୋକାନ ତୋହର ॥
ତୀର୍ଥେ ଚାଲିଗଲା ଦୋକାନ ଦେଇ । ସେଦିନୁ ଦୋକାନ ତାର ହୋଇ ॥



ଧନ ରୋଜଗାର କଲା ବହୁତ । ଆନନ୍ଦେ ରହିଲା ହୋଇ ନିଶ୍ଚିନ୍ତ ॥
ସ୍ୱାମୀ ବିରହେ ତେଣେ ତାରାମଣି । ଝୁରି ଝୁରି ତନୁ କ୍ଷୀଣ ହେଲାଣି ॥
ଶାଶୁ ବୁଢ଼ୀ ତା ଶିରୀ ଦେଖୁନାହିଁ । ହୀନସ୍ତା କରେ ଖଟାଇ ଖଟାଇ ॥
ଯାଆମାନେ ମିଳି ସଦାସର୍ବଦା । ତୁଚ୍ଛା କଥାରେ ମାରୁଥାନ୍ତି ଖୁନ୍ଦା ॥
ଜଙ୍ଗଲକୁ ପଠାନ୍ତି କାଠ ଆଣି । ଖାଇବାକୁ ଦ୍ୟନ୍ତି ବାସି ତୋରାଣି ॥
କୁଣ୍ଡା ମିଶା ଭାତ ଲଙ୍କା ଲୁଣକୁ । ନିଜେ ଖାଇବା ଅଇଁଠା ଭାତକୁ ॥
ସ୍ୱାମୀଙ୍କ କଥା ପଡ଼ିବାରୁ ମନ । ବାହୁନି ବାହୁନି କରେ ରୋଦନ ॥
କେଣିକି ଗଲ କେଣେ ଯେ ରହିଲ । କିଛି ବାରତା ଏ ଯାଏ ନ ଦେଲ ॥
ଦେହେ ସବୁ ଦୁଃଖ କଷ୍ଟ ସହୁଛି । ତୁମ ଆସିବା ପଥକୁ ଚାହିଁଛି ॥
ଦିନେ ବନେ ଯାଇଛ କାଠ ଆଣି । ପଥେ ଦେଖିଲା କେତେକ ରମଣୀ ॥
ପଚାରିଲା ଭଉଣୀ ତୁମେମାନେ । କିମ୍ପାଇଁ ବୁଲୁଛ ଘୋର କାନନେ ॥
ରମଣୀଏ କହନ୍ତି ମା' ସନ୍ତୋଷୀ । ବ୍ରତ ଆମ୍ଭେମାନେ ଅଛୁ ମନାସି ॥
ଏ ବ୍ରତ କଲେ ମିଳଇ କି ଫଳ । ମୋତେ ଦୟାକରି କୁହ ସକଳ ॥
ଏହି ବ୍ରତ ଯେ ପାଳନ କରଇ । ସ୍ୱାମୀ ବିଦେଶରେ ଥିଲେ ଆସଇ ॥
ଦୀନ ଦରିଦ୍ର ଧନବାନ ହେବ । ଅପୁତ୍ରିକ ପୁତ୍ରବତୀ ହୋଇବ ॥
ମନବାଞ୍ଛା ପୂର୍ଣ୍ଣ ମାତା କରନ୍ତି । କଲେ ତାଙ୍କ ଶ୍ରୀଚରଣେ ଭକତି ॥
ଶୁଣି ତାଙ୍କ ସହିତରେ ଚଳିଲା । ସନ୍ତୋଷୀମାତା ମନ୍ଦିରେ ମିଳିଲା ॥
ଦେଖିଲା ଶୁଣିଲା ସେ ବ୍ରତ କଥା । ମାତାଙ୍କ ଚରଣେ ରଖିଲା ମଥା ॥
ପୂଜା ଶେଷେ ପ୍ରସାଦ, ସେ ପାଇଲା । ବ୍ରତ ପାଳିବ ଚିତ୍ତେ ମନାସିଲା ॥
ମାତାଙ୍କ ଚରଣେ ରଖି ଚିତ୍ତକୁ । ବହନ ଚଳିଲା ନିଜ ଘରକୁ ॥
ବାଟେ କାଠଗୋଛାକୁ ବିକିଦେଲା । ବ୍ରତ ସାମଗ୍ରୀ ସମସ୍ତ କିଣିଲା ॥
ଶୁକ୍ରବାର ବ୍ରତ ପାଳି ପଡ଼ିଲା । ଘରେ ନ ଯାଇ ମନ୍ଦିର ଚଳିଲା ॥
ଉପବାସେ ରହି ଭକ୍ତି ଚିତ୍ତରେ । ବ୍ରତ ପାଳିଲା ବିଧିମତରେ ॥
କରଯୋଡ଼ି ଜଣାଇଲା ଦୁଃଖକୁ । ମାତା ରଖ ତୋ ଦୁଃଖିନୀ ଝିଅକୁ ॥

ସ୍ୱାମୀ ଦୂର ବିଦେଶରେ ରହିଲେ । ଶାଶୁ ମୋତେ ହୀନିମାନ କରିଲେ ॥
କୁଣ୍ଡା ମିଶା ଚାଉଳର ଭାତକୁ । ଯାଆମାନେ ଦିଅନ୍ତି ଖାଇବାକୁ ॥
ଭଙ୍ଗା ସଢ଼େଇରେ ପିଇବା ପାଣି । ଆଣି ଦିଅନ୍ତି ଶାଶୁ ଜାଣିଶୁଣି ॥
ସଦା ମୋ ହାତେ ବାସନ ମଜାନ୍ତି । କାଠ ଆଣିବାକୁ ବନେ ପଠାନ୍ତି ॥
ଭକ୍ତି ଭାବେ ମାତାଙ୍କୁ ଜଣାଇଲା । ବ୍ରତ ଶେଷରେ ପ୍ରସାଦ ପାଇଲା ॥
ତାର ପୂଜାରେ ସନ୍ତୁଷ୍ଟ ସନ୍ତୋଷୀ । ତାକୁ ଆଶୀର୍ବାଦ ଦେଲେ ଆଶ୍ୱାସ ॥
ତେଣେ ସ୍ୱପ୍ନରେ ସ୍ୱାମୀଙ୍କୁ ଚେତାଇ । ଦେଲେ ସ୍ତ୍ରୀ କଥା ମନେ ପକାଇ ॥
ଧନ ଦେଖିଣ ବ୍ୟାକୁଳ ହୋଇଲୁ । ନିଜ ସ୍ତ୍ରୀକୁ ମନୁ ପାଶୋରିଲୁ ॥
ବଡ଼ ଯାତନା ଶାଶୁଠୁ ସହୁଛି । ତୋତେ ଦେଖିବାକୁ ବଞ୍ଚି ରହିଛି ॥
ସ୍ୱପ୍ନେ କହିଗଲେ ମାତା ସତ୍ୱର । ସ୍ୱାମୀ ସ୍ୱପ୍ନ ଦେଖି ହୋଇ କାତର ॥
କିଛି ଧନ ଭାଷା ଦେଲା ପଠାଇ । ବ୍ୟବସାୟ କଲା ନିଶ୍ଚିନ୍ତେ ରହି ॥
ସଦା ସନ୍ତୋଷୀ ଶ୍ରୀପଦେ ମୋ ମତି । ରହୁ କଳ୍ପତରୁ କରେ ମନତି ॥

## ଟଙ୍କା ଓ ଭାଷା ଆସିବା

ଏଥୁ ଅନନ୍ତରେ ଶୁଣ ସୁଜନ । ଏହାପରେ ଯାହା ହେଲା ବିଧାନ ॥
ଟଙ୍କା ଚିଠି ଯାଆ ଶାଶ ଦେଖିଲେ । ମନେ ମନେ ଜଳିବାକୁ ଲାଗିଲେ ॥
ନିଜେ ମଧ୍ୟେ ଠରାଠରି ହୁଅନ୍ତି । କେତେ ଦେଖେଇ ଶିଖେଇ କହନ୍ତି ॥
କହି ଯାଆନ୍ତି ଝିଆରୀ ପୁତୁରା । ଏଣିକି ଖୁଡ଼ୀର କଥା ନିଆରା ॥
ଆଉ ସ୍ନେହ ଆମକୁ ନ କରିବ । ଖୁଡ଼ୀର ତ ଆଦର ବଢ଼ିଯିବ ॥
ଝିଆରୀ ପୁତୁରା କଥା ଶୁଣିଲା । ଆଖି ଛଳ ଛଳ କରି କହିଲା ॥
ଟଙ୍କା ଚିଠିରୁ ମତେ କି ମିଳିବ । ତୁମ୍ଭ ପ୍ରତି ସ୍ନେହ ଊଣା ନୋହିବ ॥
ପିଲାମାନଙ୍କୁ ବୁଝାଇ ଚଳିଲା । ସନ୍ତୋଷୀ ମାତା ମନ୍ଦିରେ ମିଳିଲା ॥
ସନ୍ତୋଷୀ ମାତା ପୟରେ ପଡ଼ିଣ । ବଚନ କହଇ କରି ରୋଦନ ॥
ଚାହିଁ ନ ଥିଲି ମା' ଧନ ଦୌଲତ । ଲୋଡୁଥିଲି ମୁଁ ସ୍ୱାମୀଙ୍କ ସାକ୍ଷାତ ॥



ସେଥିପ୍ରତି ମାତା ହୁଅ ପ୍ରସନ୍ନ । ଯେପରି ହୋଇବ ସ୍ୱାମୀ ଦର୍ଶନ ॥
ତାର ଭକତିରେ ମାତା ସନ୍ତୋଷୀ । ଶୂନ୍ୟରେ ରହି କହିଲେ ଆଶ୍ୱାସ ॥
ଝିଅ ତୁ ନ ହୁଅବାରେ ଅଥୟ । ଫେରି ଆସିବ ତୋ ସ୍ୱାମୀ ନିଶ୍ଚୟ ॥
ଶୁଣି ସନ୍ତୋଷୀ ମାତାଙ୍କ ବଚନ । ଅନ୍ଧ ପାଇଲାକି ସତେ ନୟନ ॥
ମନ ଆନନ୍ଦେ ଗଲା ସଦନକୁ । ଚାହିଁ ରହିଥାଏ ପତି ପଥକୁ ॥
ତେଣେ ସନ୍ତୋଷୀ ମା' ମନେ ବିଚାରି । ସ୍ୱାମୀ ଫେରିବ ତାହାର ଯେପରି ॥
ସେହିପରି ସେ ଉପାୟ ପାଞ୍ଚିଲେ । ରାତ୍ରେ ପୁଅକୁ ସପନେ କହିଲେ ॥
କେତେ ଶୋଇଚୁ ସାଉକାର ପୁଅ । ଘର କଥା ଟିକେ ମନେ ପକାଅ ॥
ଏଣେ ଧନ କରୁଅଛୁ ଅର୍ଜ୍ଜନ । ପଡ଼ି ଗୁହାଳେ ସ୍ତ୍ରୀ କରେ ରୋଦନ ॥
ବିଭା ହୋଇଛୁ ଯାର ହାତ ଧରି । ତାକୁ ମୁରୁଛି ରହିଛୁ କିପରି ॥
ଅତି କଷ୍ଟରେ ମୋ ବ୍ରତ ପାଳନ । କରି ଧରିଛି ତୋ ପାଇଁ ଜୀବନ ॥
ଏବେ କିଛି ତୁ ନ ଭାବ ଚିତ୍ତର । ଯେତେ ଶୀଘ୍ର ପାର ଚଳ ତୁ ଘର ॥
ଭକ୍ତିଭରେ ମୋ ନାମ ସୁମରିବୁ । ସକାଳେ ଦୋକାନ ଖୋଲି ବସିବୁ ॥
ସମସ୍ତ ଦ୍ରବ୍ୟ ହୋଇବ ବିକିରି । ବାକି ଧନ ମିଳିଯିବ ତୋହରି ॥
ସବୁ ଧନ ନେଇ ଘରକୁ ଯିବୁ । ସ୍ତ୍ରୀ ସହିତ ବାଟେ ଭେଟ ହୋଇବୁ ॥
ସ୍ୱପ୍ନବାଣୀ ଶୁଣିଣ ସାନ ପୁଅ । ମାତାଙ୍କୁ ପ୍ରଣମି ହେଲା ଅଥୟ ॥
ମାତା କହି ଯାଇଥିଲେ ଯେପରି । ଦୋକାନେ ବସିଲା ନାମ ସୁମରି ॥
ଘିଅ ଦୀପ ଦୋକାନେ ଜଳାଇଲା । ବିକା କିଣାରେ ମନ ନିବେଶିଲା ॥
ଚାହୁଁ ଚାହୁଁ ସବୁ ଦ୍ରବ୍ୟ ବିକିଲା । ବାକି ଟଙ୍କା ସବୁ ଅସୁଲ କଲା ॥
ସନ୍ତୋଷୀ ମାତାଙ୍କୁ ପ୍ରଣାମ କରି । ଘର ଯିବାକୁ ପଡ଼ିଲା ବାହାରି ॥
ମାତା ଏତିକି ମାତ୍ର ମୋ ବିନତୀ । ସଦା ରହୁ ତୋର ଚରଣେ ମତି ॥
କଳ୍ପତରୁ କହେ ଯୋଡ଼ିଣ କର । ଚିତ୍ତ ରହୁ ମୋ ସନ୍ତୋଷୀ ପୟର ॥

## ସାନ ପୁଅ ଘରକୁ ଆଗମନ

ଏଥୁ ଅନନ୍ତରେ ଶୁଣ ସୁଜନ । ତେଣେ ସାନବୋହୁଟି ପ୍ରତିଦିନ ॥
ଭୋକ ଉପାସରେ କାଳ କାଟଇ । ନିତି କାଠ ପାଇଁ ବନେ ଚଳଇ ॥
ଫେରି ମନ୍ଦିରେ କରିଲା ବିଶ୍ରାମ । ସାଷ୍ଟାଙ୍ଗେ ମାତାଙ୍କୁ କଲା ପ୍ରଣାମ ॥
ମାତା ଶୂନ୍ୟରେ ବଚନ କହନ୍ତି । ଝିଅ ସ୍ୱାମୀ ତୋ ଘର ଆସୁଛନ୍ତି ॥
ଏହିକ୍ଷଣି ତୋ ସଙ୍ଗେ ହେବ ଭେଟ । ତିନିଭାଗ କର ଆଣିବ କାଠ ॥
ମୁଣ୍ଡେ ରଖିଥାଅ ଗୋଛାଏ କାଠ । ସ୍ୱାମୀ ସହିତ ବାଟେ ହେବ ଭେଟ ॥
କାଠ ଦେଖି ସେ କରିବ ରୋଷେଇ । ଖାଇ ବିଶ୍ରାମ କରିବ ଏଠାଇ ॥
ପାଟି କରି ତୁ ଶାଶୁକୁ ଡାକିବୁ । କାଠଗୋଛାକୁ ମୁଣ୍ଡରୁ ଓହ୍ଲାଇବୁ ॥
ଶାଶୁକୁ ମାଗିବୁ ବଗଡ଼ା ଭାତ । ସଢ଼େଇରେ ମୁନ୍ଦେ ପାଣି ଦିଅତ ॥
ସ୍ୱାମୀ ଦେଖୁ ତୋର ଏହି ହୀନସ୍ତା । ପରେ କରିବି ମୁଁ ସବୁ ବ୍ୟବସ୍ଥା ॥
ସନ୍ତୋଷୀ ମା' କହିଲେ ଯେପରି । ସାନବୋହୂ ସବୁ କଲା ସେପରି ॥
ସେହିକ୍ଷଣି ତା ସ୍ୱାମୀ ପ୍ରବେଶିଲା । କାଠ ଦେଖିଣ ରୋଷେଇ କରିଲା ॥
ରୋଷେଇ ପରେ ଖିଆପିଆ ସାରି । ବିଶ୍ରାମ କଲା ଗାମୁଛାକୁ ପାରି ॥
ବିଶ୍ରାମ ପରେ ଚାଲିଲା ଘରକୁ । ସାନବୋହୂ ନେଇ କାଠ ଗୋଛାକୁ ॥
ଯାହା କହିଥିଲେ ସନ୍ତୋଷୀ ମାତ । ସାନବୋହୂ ସେହିପରି କଲାତ ॥
ପୁଅ ଯେ-ଚକ୍ଷୁରେ ସବୁ ଦେଖିଲା । ନ ଜାଣିଲା ପରି ସେ ପଚାରିଲା ॥
ମା' ଏ ସ୍ତ୍ରୀଟି କିଏ କହି ପାରିବୁ । ମୋ ମନୁ ସଂଶୟ ଦୂର କରିବୁ ॥
ପୁଅ ଏ ପରା ତୋର ନିଜ ବୋହୂ । ତାର କଥା ତୁ ପଚାରନା ଆଉ ॥
ତୁହି ଗଲାଦିନୁ ହୋଇ ପାଗଳୀ । ସାହି ସାହି ବୁଲୁଛି ଗଳି ଗଳି ॥
ଘରେ କରୁନି କାମଧନ୍ଦା କିଛି । ଖାଇବା ବେଳେ ସେ ସବୁ ଖାଉଛି ॥
ତୋତେ ଦେଖିଣ ଏଠାରେ ଆସିଣ । ସଢ଼େଇରେ ପାଣି ପିଏ ମାଗିଣ ॥
ସବୁ କଥା ଜାଣି ପୁଅ କହିଲା । ଯାହା ହେବାର ଥିଲା ହୋଇଗଲା ॥
ଏବେ ଅଲଗା ଘରେ ମୁଁ ରହିବି । ଅଲଗା ରୋଷେଇ କରି ଖାଇବି ॥



ପୁଅ କଥାରେ ମାତା ରାଜି ହୋଇ । ଅନ୍ୟ ଘରଚାବି ଦେଲା ଫିଟାଇ ॥
ପତି ପତ୍ନୀ ଦୁହେଁ ଅଲଗା ହୋଇ । ମହା ଆନନ୍ଦରେ ରହିଲେ ଯାଇଁ ॥
ସାନବୋହୂ କାମନା ପୂର୍ଣ୍ଣ ହେଲା । ଉଦ୍‌ଯାପନ ଶୁକ୍ରବାର ଅଇଲା ॥
ପତି ପତ୍ନୀ ଦୁହେଁ ପୂଜା ଦରବ । ମିଳି ଯୋଗାଡ଼ କରିଣ ସରବ ॥
ଆରମ୍ଭିଲେ ଉଦ୍‌ଯାପନ ବ୍ରତ । ଉଚ୍ଚସ୍ୱରେ ଜୟ ସନ୍ତୋଷୀମାତ ॥
କହି ଦେଢ଼ଶୁର ପିଲାମାନଙ୍କୁ । ଡାକିଆଣିଲା ଭୋଗ ଖାଇବାକୁ ॥
ମାତାମାନଙ୍କର ଶିକ୍ଷା ପାଇଣ । ଆସିଥିଲେ ପିଲା ରାଜି ହୋଇଣ ॥
ଖିରୀ ପୁରୀ ଶାଗ ମିଠା ଖାଇଲେ । ଶେଷେ ଖଟା ଦିଅ ବୋଲି ମାଗିଲେ ॥
ସାନବୋହୂ ଖଟା କଥା ଶୁଣିଲା । ନିଜ ଭାଗ୍ୟକୁ ପ୍ରମାଦ ଗଣିଲା ॥
ପିଲାଙ୍କୁ କହିଲା ସେହୁ ବୁଝାଇ । ଏ ପୂଜାରେ ଖଟା ଖାଆନ୍ତି ନାହିଁ ॥
ପିଲେ ଦକ୍ଷିଣା ପାଇ ଚଳିଗଲେ । ସର୍ବେ ଖଟା କିଣିକରି ଖାଇଲେ ॥
ମାତାମାନେ ଖଟା କଥା ବତାଇ । ଥିଲେ ପିଲାମାନଙ୍କୁ ଯେ ପଠାଇ ॥
ଏ ପୂଜାରେ ଯିଏ ଖଟା ଖାଆନ୍ତି । ସନ୍ତୋଷୀମାତା ଯେ କୋପ ହୁଅନ୍ତି ॥
ଯାଆମାନଙ୍କ କପଟ ମନ୍ତ୍ରଣା । ଜାଣି ସାନବୋହୂ ହୋଇଲା ବଣା ॥
ଦୟାବହି ଘେନ ମାତା ପ୍ରଣତି । ଶ୍ରୀପାଦେ କଳ୍ପତରୁର ମିନତି ॥

## ମାତାଙ୍କ କୋପ ଓ ସାନ୍ତ୍ୱନା

ଶୁଣ ସୁଜନେ ଦେଇଣ ଚିତ୍ତକୁ । ଖଟା ଖାଇ ନଷ୍ଟ କରି ବ୍ରତକୁ ॥
ମନ ଖୁସିରେ ପିଲେ ଚାଲିଗଲେ । ମାତାମାନଙ୍କୁ ସେ ଯାଇ କହିଲେ ॥
ବ୍ରତ ଭ୍ରଷ୍ଟ ହେବା ମାତା ଦେଖିଣ । କୋପେ ପ୍ରଜ୍ୱଳିତ ହୋଇ ତକ୍ଷଣ ॥
ସାନ ପୁତ୍ର ପରେ କୋପ ହୋଇଲେ । ରାଜକର୍ମୀଙ୍କ ଦ୍ୱାରା ବାନ୍ଧି ନେଲେ ॥
ଦେଖି ଭାଇ ଭାଉଜ ଖୁସି ହୋଇ । ନିଜ ମଧ୍ୟରେ ହେଲେ କୁହାକୁହି ॥
ଚୋରିକରି ଧନ କାହୁଁ ଆଣିଲା । ରାଜାଙ୍କ ନଜରେ ତହୁଁ ପଡ଼ିଲା ॥
କଲା କର୍ମଫଳ ପଲା ବୁଝିବ । ରାଜା ଘରେ ଯାଇ ଘଣା ପେଲିବ ॥
ଏହିପରି କେତେ ଟାପରା କଲେ । ସାନବୋହୂକୁ ଦେଖେଇ କହିଲେ ॥

ଧୈର୍ଯ୍ୟଧରି ସାନବୋହୂ ଚଳିଲା । ସନ୍ତୋଷୀ ମାତା ମନ୍ଦିରେ ମିଳିଲା ।।
ମା'ସନ୍ତୋଷୀମାତାଙ୍କ ଚରଣେ ପଡ଼ି । ଅତି ଆକୁଳେ କହେ କରଯୋଡ଼ି ।।
ପ୍ରଥମରେ ମାତା ଦେଲା ହସାଇ । ଏବେ ଦରିଆରେ ଦେଲୁ ଭସାଇ ।।
ଜାଣିଶୁଣି ଅପରାଧ କରିନି । ଦୋଷ କ୍ଷମାକର ମାଗୋ ଜନନୀ ।।
ଶୂନ୍ୟ ଶୁଭିଲା ମାତାଙ୍କ ବଚନ । ଝିଅ ଏତେ ଶୀଘ୍ର ହେଲୁ ଅଜ୍ଞାନ ।।
ମୋର ବ୍ରତ ଅହଙ୍କାରେ ଭାଙ୍ଗିଲୁ । ଜାଣି ଶୁଣି କଥାରେ ଭାସିଗଲୁ ।।
ଏହି ବାର କ୍ଷମା ଦିଅ ଜନନୀ । ପୁନର୍ବାର ଏପରି ହୋଇବନି ।।
ଆଉ ଥରେ କରିବି ଉଦ୍ୟାପନ । ଏଥରକ ଦୋଷ କର ମୋଚନ ।।
ଶୁଣି ସନ୍ତୋଷୀ ହର କହିଲେ । ଦୋଷକ୍ଷମା କରୁଅଛି ବୋଇଲେ ।।
ଝିଅ ଯାଅ ଚଳି ନିଜ ଘରକୁ । ବାଟରେ ଭେଟିବୁ ନିଜ ନାହାକୁ ।।
ଶୁଣି ସାନବୋହୂ ଖୁସି ହୋଇଲା । ବାଟେ ଭେଟିଣ ସ୍ୱାମୀଙ୍କୁ କହିଲା ।।
ରାଜା ଧରି ନେଇ ଥିଲେ କିମ୍ପାଇ । ନାଥ ସତକୁହ ମୋତେ ଫିଟାଇ ।।
ଶୁଣି ସାନପୁଅ ବୋଲେ ବଚନ । ଅର୍ଜନ କଲି ଯେ ଅନେକ ଧନ ।।
ସେଇ ବାବଦରେ ଟିକସ ପାଇଁ । ରାଜ କର୍ମଚାରୀ ନେଲେ ଡକାଇ ।।
ଜମା କରିଦେଲି ଆଜି ଟିକସ । ରାଜା ହୋଇଲେ ପରମ ସନ୍ତୋଷ ।।
କଥୋପକଥନ ହୋଇ ଫେରିଲେ । ଖୁସି ଆନନ୍ଦରେ କାଳ କାଟିଲେ ।।
ବ୍ରତ ଉଦ୍ୟାପନ କରିବା ପାଇଁ । ପତିପତ୍ନୀ ଦୁହେଁ ମନ ବଳାଇ ।।
ପୂଜା ଦ୍ରବ୍ୟମାନ ଯୋଗାଡ଼ କଲେ । ଗୁଡ଼ ଚଣା ଆଦି କିଣି ଆଣିଲେ ।।
ନାନାଜାତି ଫୁଲ ଆଣିଲେ ତୋଳି । ଗନ୍ଧ ଚନ୍ଦନ ଘୃତବଳୀ ଜାଳି ।।
ଝୁଣା ଦୀପ ଆଦି ନାନାଦି ଦ୍ରବ୍ୟ । ଆୟୋଜନ କରି ଆଣିଲେ ସର୍ବ ।।
ଭକ୍ତିଭାବେ ଶୁଦ୍ଧ ଚିତ୍ତରେ ରହି । ଉଦ୍ୟାପନ ଦିନ ପାଳିଲେ ସେହି ।।
ସନ୍ତୋଷୀମାତା ବ୍ରତ ଉପାଖ୍ୟାନ । ଧୀରଚିତ୍ତରେ ଶୁଣିଲେ ଦେଇ ମନ ।।
ପୂଜା ସମାପନା ପରେ ବହନ । ପତିପତ୍ନୀ ଦୁହେଁ ଆନନ୍ଦ ମନ ।।
ଜୟ ମା' ସନ୍ତୋଷୀ ସନ୍ତୋଷୀ କହି । ସାଷ୍ଟାଙ୍ଗେ ପ୍ରଣମି ଉଠିଲେ ତହିଁ ।।



ପ୍ରସାଦ ସଭିଙ୍କୁ ବାଣ୍ଟିଣ ଦେଲେ । ବ୍ରାହ୍ମଣ ପିଲାଙ୍କୁ ଡାକି ଆଣିଲେ ।।
ପରୀ ଖିରି ଗୁଡ଼ ଚଣା ବହନ । ଆନନ୍ଦ ମନରେ ଦେଲେ ଭୋଜନ ।।
ଦକ୍ଷିଣା ରୂପେ ଫଳ ଆଣି ଦେଲେ । ଶେଷରେ ପ୍ରସାଦ ନିଜେ ଖାଇଲେ ।।
ଏହିପରି କିଛିଦିନ ବିତିଲା । ତାଙ୍କ ପ୍ରତି ମାତାଙ୍କ ଦୟା ହେଲା ।।
ସାନବୋହୂ ପ୍ରତି ହୋଇ ପ୍ରସନ୍ନ । କୋଳେ ସୁପୁତ୍ର କରିଲେ ପ୍ରଦାନ ।।
ପ୍ରଫୁଲ୍ଲିତ ହେଲା ଦୁହିଁଙ୍କ ମନ । ମାତାଙ୍କ ଦୟାରୁ ବଢ଼ିଲା ଧନ ।।
ଦୟାକର ମାତ ଦୟା ସାଗର । ଶ୍ରୀଚରଣେ ଚିତ୍ତ ରହୁ ମୋହର ।।
କରଯୋଡ଼ି କଳ୍ପତରୁ କହଇ । ସନ୍ତୋଷୀ ମା'ଙ୍କ ପାଦେ ଧ୍ୟାନ ଜଣାଇ ।।

## (ସାନପୁଅ, ଭାଇ ଭାଉଜଙ୍କୁ ପରୀକ୍ଷା ଓ ସଭିଙ୍କୁ ବର ପ୍ରଦାନ)

ଶୁଣ ସୁଧୀ ବୃନ୍ଦ ଦେଇଣ ଚିତ୍ତ । ଏଥୁଅନନ୍ତ ଯାହା ରେ ଚରିତ ।।
ଦିନେ ମାତା ମନରେ ବିଚାରିଲେ । ଅତି କୁତ୍ସିତ ମୂରତି ଧରିଲେ ।।
ଗୁଡ଼ ସାଲୁବାଲୁ କରି ମୁହଁକୁ । ଶୁଣ୍ଢ ପରି କରେ ନିଜ ନାକକୁ ।।
ଦେହକୁ କରି ମାଛି ଭଣଭଣ । ବୁଢ଼ୀଘରେ ପ୍ରବେଶିଲେ ଯାଇଣ ।।
ଶାଶୁ ବୁଢ଼ୀ ଯହୁଁ ତାଙ୍କୁ ଦେଖିଲା । ଭୟେ ନାତି ନାତୁଣୀଙ୍କୁ ଡାକିଲା ।।
ଦେଖ ଡାହାଣୀକି ଅବା ଯୋଗଣି । ଆମ ଘରେ ଆସି ପହଞ୍ଚିଲାଣି ।।
ଧରି କଞ୍ଚା ଚୋବାଇବ କାହାକୁ । କିପରି ବିଦା କରିବା ତାହାକୁ ।।
ବୁଢ଼ୀ ମାଆଙ୍କର ବାଣିକୀ ଶୁଣି । ପିଲାଙ୍କର ଦେହ ପିଳେହି ପାଣି ।।
ଯାଆମାନେ କବାଟରେ କିଳିଣି । ଦେଇ ଶାଶୁ ପାଖେ କଲେ ଭାଳେଣି ।।
ଜଳାବାଟେ ସାନବୋହୂକୁ ଦେଖି । ଠାକୁରାଣୀ ରହିଗଲା ଅଟକି ।।
କ୍ଷୀର ଖୁଆଉ ଥିଲା ତା ପୁଅକୁ । ଛାଡ଼ି ଓଳଗି ହୋଇଲା ମାଆଙ୍କୁ ।।
ରାଗେ ତମ ତମ ହୋଇଣ ବୁଢ଼ୀ । ବୋଲେ ପିଲାଟାକୁ ଦେଲୁ କଚାଡ଼ି ।।
ସାନବୋହୂ ଶାଶୁକୁ କହେ ପୁଣି । ଏତ ସନ୍ତୋଷୀ ମାତା ଠାକୁରାଣୀ ।।
ଆମ ଘରକୁ ବିଜେ ହୋଇଛନ୍ତି । ଚାଲ ତାଙ୍କୁ କରିବା ଯେ ପ୍ରଣତି ।।
କହି ସମସ୍ତ କବାଟ ଖୋଲିଲା । ଶାଶୁ ଯାଆମାନଙ୍କୁ ସେ ଡାକିଲା ।।

ସ୍ୱାମୀ ଦେଢ଼ଶ୍ୱଶୁର ପିଲାମାନଙ୍କୁ । ଡାକି ଚିହ୍ନାଇ ସନ୍ତୋଷୀମାତାଙ୍କୁ ॥
ଗଲେ ମାତାଙ୍କ ଶ୍ରୀଚରଣେ ପଡ଼ି । ସର୍ବେ ବିନୟେ କରପତ୍ର ଯୋଡ଼ି ॥
ଅତି କାତରେ କରନ୍ତି ମିନତି । ମାତା ଆମ୍ଭେ ତୋ ଅଜ୍ଞାନ ସନ୍ତତି ॥
ଅପରାଧ କ୍ଷମା କର ଜନନୀ । ପଦେ ପଡ଼ି ସର୍ବେ କଲେ ଦୟିନୀ ॥
ସର୍ବଦୋଷ କ୍ଷମାକର ଆମ୍ଭର । କହି ପଡ଼ିଗଲେ ମାତା ପୟର ॥
ସ୍ତୁତି ବାକ୍ୟ ଶୁଣି ମାତା ପ୍ରସନ୍ନ । ବହନରେ ସଭିଙ୍କୁ ବରଦାନ ॥
ଦେଇ ଅନ୍ତର୍ଦ୍ଧାନ ମାତା ହୋଇଲେ। ଭକ୍ତମାନଙ୍କ ଅନ୍ତରେ ରହିଲେ ॥
ଶୁଣି ସର୍ବେ ଉଠିଲେ ହୋଇ ଖୁସି । ମୁଖେ କହିଲେ ଜୟ ମା' ସନ୍ତୋଷୀ॥
ସର୍ବେ ଉଚ୍ଚସ୍ୱରେ ଉଚ୍ଚାରିଲେ । ସନ୍ତୋଷୀ ବ୍ରତ ମନେ ମନାସିଲେ ॥
ବ୍ରତ ସନ୍ତୋଷୀ କଥା ସମାପନ । ହେଲା ସରବେ ହୋଇ ତୋଷମନ॥
ସର୍ବେ ପୂଜା ପ୍ରସାଦକୁ ପାଇଣ । ହରିବୋଲ ହୁଳହୁଳି ଦେଇଣ ॥
ଚିତ୍ତ ରଖିବା ସନ୍ତୋଷୀ ପାଦରେ । ଗୃହେ ଚଳିଲେ ମନ ଆନନ୍ଦରେ ॥
ନାହିଁ ତୋ'ପାଦେ ମା' ମୋ ଭକତି। ତୋ ମହିମା ବର୍ଣ୍ଣିବା କାହିଁ ଶକ୍ତି ॥
ତୋର କରୁଣା କିଞ୍ଚିତେ ପ୍ରକାଶ । ହେବାରୁ ବଳିଲା ମୋର ମାନସ ॥
ଗଦ୍ୟକୁ ପଦ୍ୟ ଆକାରେ ବଖାଣି । ଗଲି ଭାବ ଭକତିକୁ ନ ଜାଣି ॥
ମାତ୍ର ଏତିକି ଚରଣେ ଦାଇନି । ମାଠ ଅପରାଧ ଘେନ ଜନନୀ ॥

## ସନ୍ତୋଷୀ ମାତାଙ୍କ ଭଜନ ଓ ଆରତି

ସନ୍ତୋଷୀ ସନ୍ତୋଷୀ ମାଗୋ ସନ୍ତୋଷୀ ମାଆ
ସନ୍ତୋଷୀ ସନ୍ତୋଷୀ ମା' ହୁଅ ତୁ ସାହା । (ଘୋଷା)
ପଦ୍ମ ପାଖୁଡ଼ାରେ ଉଭା ପାଟ ଶାଢ଼ୀ ପିନ୍ଧି ଶୋଭା
ଦିଶୁ କେଡ଼େ ମନ ଲୋଭା କେ ବର୍ଣ୍ଣେ ତାହା ।୧।
ମସ୍ତକେ ମଣି ମୁକୁଟ ଦିଶୁଥାଏ ଝଟ ଝଟ
ସିନ୍ଦୂର ବିନ୍ଦୁ ଲଲାଟେ କୀରଟେ କଟୀ କିଙ୍କଣୀ
ଗଳେ ଚାପସରି ମାଳା ସୁନ୍ଦର ଆହା ।୨।



ନୟନରେ ନେତ୍ରାଞ୍ଜଳି ତାଟକା ବଦଳି ବର୍ଣ୍ଣ
ଘଣ୍ଟ ଘଣ୍ଟା ଶବଦରେ କମ୍ପୁଛି ଆହା ।୩।
ଖଣ୍ଡା ଖର୍ପରକୁ ଧରି ଦୂରିତ ଦର୍ପ ବିଦାରି
ଦେଉ ଲୋ କଟି କିଙ୍କଣି, କିଙ୍କିଣୀ ।୪।
ଘଣ୍ଟ ଖଣ୍ଟା ଶବଦରେ ମୃଦଙ୍ଗ ନାଚରେ
ମେଦିନୀ କମ୍ପେ ଆଳତୀ ସମୟେ ମାଆ ।୫।
ମୂଢ଼ମତି ମୁଁ ଅଜ୍ଞାନ, ଭକତିରେ ନାହିଁ ମନ
ଚରଣେ ପ୍ରଣତି ଘେନ ବହି ସୁଦୟା ।୬।
କୃପାକର କୃପାମୟୀ ଦୀନଠାରେ ଦୟା ବହି
ତୋ ବିନୁ ଅନ୍ୟ କେ ନାହିଁ ହେବାକୁ ସାହା ।୭।
କରୁଣାମୟୀ କରୁଣା କର ନ କରିଣ ଊଣା
ସର୍ବଗୁଣରେ ନିପୁଣ ତୁ ଯେଣୁ ମାଆ ।୮।
ତୁହି ଆଦିଶକ୍ତି ତୁହି ମା'ଗୋ ଭଗବତୀ
ଦୂରକର ମୋ ଦୁର୍ଗତି ବହିଣ ଦୟା ।୯।
ମିନତି ତୋ ଶ୍ରୀଚରଣେ କୃପାଦୃଷ୍ଟି ତୋ ସନ୍ତାନେ
ଦେଇଣ କଳ୍ପତରୁକୁ ତୁକର ସୁଦୟା ।୧୦।

## ମାତାଙ୍କ ଆରତି

(ରାମକେରୀ - ବୃତ୍ତେ)

ଜୟ ଜୟ ମାତା ସନ୍ତୋଷୀ ମାଗୋ ଜଗଜ୍ଜନନୀ
ଜୟ ଜୟ ମାତ ପତିତ ପାତକ ବିନାଶିନୀ ।
ଶିରେ ମୁକୁଟ ଗଳେ ମାଳ ହୃଦେ ହାର ବିରାଜେ
ବିଶାଳ ତୋ ଆଚାରେ ଭୁଜରେ ସର୍ବ ଆୟୁଧ ସାଜେ ।
ସ୍ୱର୍ଣ୍ଣ ସିଂହାସନ ଉପରେ ବସି ତେଜ ପ୍ରକାଶୁ
ଶୂଳ ଖଡ୍‌ଗ କରେ ଧରିଣ ଭୟଙ୍କର ମା' ଦିଶୁ ।

ସିନ୍ଦୂର ବିନ୍ଦୁ ତୋ ମଥାରେ ନାସାରେ ଗଜମୋତି
କୋଟି ରବି ଶଶୀ ତେଜ ତୋ ମୁଖ ଚନ୍ଦ୍ରମା ଜ୍ୟୋତି ।
ଗୁଡ଼ଚଣା ଶାଗ ତୋ ଭୋଗ ପ୍ରିୟ ତୋ ଶୁକ୍ରବାର
କଥା ଶୁଣି ଭକ୍ତ ଅନ୍ତରେ କରନ୍ତି ଜୟକାର ।
ସ୍ୱର୍ଣ୍ଣଥାଳି ସ୍ୱର୍ଣ୍ଣ ଝରିରେ କର୍ପୂର ଘୃତବତୀ
ଭକ୍ତିଚିତ୍ତେ ଭକ୍ତେ କରନ୍ତି ମାଗୋ ତୋର ଆଳତି ।
ଜୟ ଜୟ ମାତା ସନ୍ତୋଷୀ ପ୍ରେମ ସଙ୍ଗୀତ ଗାଇ
ଶ୍ରୀରାମ ସ୍ୱରୂପ ବଖାଣେ ସୁଖ ସମ୍ପଦ ପାଇଁ ।
ରାମକେରୀ ରାଗେ ହିନ୍ଦିରୁ ଲେଖା ହେଲା ଆରତି
ଦୋଷ ନ ଘେନିବ ସୁଜନେ କଳ୍ପତରୁ ପ୍ରଣତି ।

## ମାତାଙ୍କ ଭୋଗ ଆଳତି

ବନ୍ଦେ ବନ୍ଦେ ମାତା ସନ୍ତୋଷୀ ବନ୍ଦେ ସନ୍ତୋଷୀ ମାତା
ଆପଣା ଭକ୍ତଜନ ସୁଖେ ତୁତ ସମ୍ପତ୍ତି ଦାତା ।
ସୁନ୍ଦର ଚିତ୍ତ ସୁର ହରି ମାତା କରୁ ଧାରଣ
ହୀରା ପରା ତନୁ ଦମକେ ସିଙ୍ଗାର ବେଳେ ଜାଣ ।
ମେରୁ ଶେଲ ଛଟା ଛବି ତୋ ତନୁ କମଳ ଶୋହେ
କରୁଣାମୟୀ ମନ୍ଦହାସେ ଭୁବନ ମନ ମୋହେ ।
ସ୍ୱର୍ଣ୍ଣ ସିଂହାସନେ ବସିଣ ତୋ ଆଲଟ ଚାମର
ଧୂପ ଦୀପ ମଧୁ ମେଓ୍ୱା ଭୋଗ ନାନା ପ୍ରକାର ।
ଚଣା ଗୁଡ଼ରେ ମା' ସନ୍ତୋଷୀ ସନ୍ତୋଷ ହୋଇଥାନ୍ତି
ସନ୍ତୁଷ୍ଟ ଚିତ୍ତେ ଭକ୍ତଗଣେ ବିଭବ ଦେଇଥାନ୍ତି ।



ମାତାଙ୍କର ପୟ ଦିବସ ଶୁକ୍ରବାର ଅଟଇ
ଭକ୍ତମଣ୍ଡଳୀର କଥାକୁ ଶୁଣି ଖୁସି ହୁଅଇ ।
ଜଗମଗଜ୍ୟୋତି ମନ୍ଦିର ମଙ୍ଗଳ ଧ୍ୱନି ହେଇ
ବିନୟ ଭରେ ତୋ ଭକତ ଶରଣ ଶିରେନେଇଁ ।
ଭକ୍ତ ଭାବମୟ ପୂଜାକୁ ଅଙ୍ଗୀକାର କରନ୍ତି
ଯାହା ମମ ତାହା ବାଞ୍ଛିତ ଫଳ ଦେଇଣଥାନ୍ତି ।
ଦୀନ ଦରିଦ୍ର ଦୁଃଖୀ ରଙ୍କି ରୋଗୀ ସଙ୍କଟୁ ମୁକ୍ତି
ବହୁତ ସମ୍ପଦ ଦେଇଣ କର ସୌଭାଗ୍ୟବତୀ ।
ଧ୍ୟାନ ଧାରଣା ଯେ କରଣ ବାଞ୍ଛିତ ଫଳ ପାଇ
ପୂଜା କରି ପାଇ ଶ୍ରବଣ ମନେ ପୁଣି ଆନନ୍ଦ ପାଇ ।
ଶରଣ ଜନର ଲଜ୍ଜ୍ୟାକୁ ରଖ ମା' ଜଗଦମ୍ବେ
ସଙ୍କଟ ତାର ନାଶିବାରେ ଜୟ ଜୟ ଆରମ୍ଭେ ।
ସନ୍ତୋଷୀ ମାଇଜୀ ଆରତୀ ଯେ ଜନ ତୋର ଗାଏ
କବି ମୁକୁନ୍ଦ ଘର କେତେ ସୁଖ ସମ୍ପତ୍ତି ପାଏ ।
ହିନ୍ଦିରୁ ଓଡ଼ିଆ ହୋଇଛି ଭୋଗ ଆରତ ଗୀତ
ସୁଜନେ ଦୋଷ ନ ଧରିବ ମାଠର ପ୍ରଣିପାତ ।

— * —

ମଙ୍ଗଳ ବାସ ମା' ମଙ୍ଗଳବାସ । ମାତା ତୋ ମନ୍ଦିରେ ମଙ୍ଗଳ ବାସ ॥
ମାତା ଅନ୍ନପୂର୍ଣ୍ଣେ ଜଗଦିଶ୍ୱରୀ । ଜୟ ମାତା ସନ୍ତୋଷୀ ପରମେଶ୍ୱରୀ ॥
ସମସ୍ତଙ୍କ ପୁରାଉ ମନ ଆଶ । ମାତା ତୋ ମନ୍ଦିରେ ମଙ୍ଗଳ ବାସ ॥
ଧୂପ ଦୀପରେ ଦଶଦିଗ ଛାଇ । ବିଶ୍ୱ ମଙ୍ଗଳର ଶୋକ ଲିଭାଇ ॥
ଭକ୍ତ ଜନ ମନ କର ଉଲ୍ଲାସ । ମାତା ତୋ ମନ୍ଦିରେ ମଙ୍ଗଳ ବାସ ॥
ଝଲମଲ ମାଗୋ ନିପକୀ ମାଳ । ତିନିଲୋକ ଶୋକଗଲା ଉଜ୍ଜ୍ୱଳ ॥
ନିର୍ମଳ ଜ୍ୟୋତି ତୁ କରୁ ପ୍ରକାଶ । ମାତା ତୋ ମନ୍ଦିରେ ମଙ୍ଗଳ ବାସ ॥
କଣ୍ଠେ ଶୋହେ ମାତ କୁସୁମମାଳା । ସୁଗନ୍ଧିରେ ଭ୍ରମର ମତୁଆଲା ॥
ମହକଇ ମାତ ଭୂମି ଆକାଶ । ମାତ ତୋ ମନ୍ଦିରେ ମଙ୍ଗଳ ବାସ ॥

ତୁହି ମା' ଅମ୍ବିକା ତୁହି ମା' ରମା । ମାତ ବହୁଚରା ତ ତିଲୋତ୍ତମା ॥
ଭକ୍ତଗଣ ହୃଦେ ସଦା ନିବାସ । ମାତା ତୋ ମନ୍ଦିରେ ମଙ୍ଗଳ ବାସ ॥
ମାତା ଅମ୍ବାଜୀବେଲା ବୋବାଲାଜୀ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଘଣ୍ଟ ଘଣ୍ଟି ଢୋଲ ମନ୍ଦିରେବାଜେ । ଶଙ୍ଖ ହୁଳହୁଳି ମହାବତ ବାଜେ ॥
ଭକ୍ତଗଣ କରେ ଜୟ ପ୍ରକାଶ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଅଷ୍ଟପ୍ରହର ଅମୃତ ବରଷେ । ପାନ କରେ ସେ ବଡ଼ ହରଷେ ॥
କୃତାର୍ଥ ହୁଅନ୍ତି ପିଇ ସେ ରସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
କୁଙ୍କୁମ ବର୍ଷା ଅତି ସୁଖଦୟା । ସର୍ବଦା ରହଇ ସେ ମହାମାୟା ॥
ନାଚେଁ ନରନାରୀ ହୋଇ ଉଲ୍ଲାସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଭକ୍ତ ମନୋରଥ ପୂର୍ଣ୍ଣ ଭବାନୀ । ମାତା ଆଦିଶକ୍ତି ଆହେ କଲ୍ୟାଣୀ ॥
ଗାଏ ମୁକୁନ୍ଦ ତୋ ଗୁଣ ବିକାଶ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥

— * —

## ଜୟ ସନ୍ତୋଷୀ ମାତା

ବନ୍ଦଇ ସନ୍ତୋଷୀ ଚରଣ ବୁଦ୍ଧି ରୁଦ୍ଧି ଦାତାର
ଧ୍ୟାନେ ଧାରଣା କରି ଧନେ ଭବସାଗରୁ ପାର
ଭକ୍ତଙ୍କୁ ସନ୍ତୋଷ ହେଉ ମା' ସନ୍ତୋଷୀ ନାମ ତୋର
କୃପାକର ଜଗଦମ୍ବେ ମା' ଆସିଛି ତୋ ପୁର ।
(ଚୌପାଇ - ଗୋପୀଭାଷା ବୃତ୍ତେ)

ଜୟ ସନ୍ତୋଷୀ ମାତ ଅନୁପମା । ଶାନ୍ତି ପ୍ରଦାୟିନୀ ରୂପ ମନୋରମା ॥
ସୁନ୍ଦର ବର୍ଣ୍ଣ ଚତୁର୍ଭୁଜ ରୂପ । ବେଶ ସୁନ୍ଦର ଲଳିତ ସ୍ୱରୂପ ॥
ତୁମର ତୋରୂପ ମନୋହାରୀ । ତୁମ ଛବି ଜଗତରେ ନିଆଁରୀ ॥



ଦିବ୍ୟସ୍ୱରୂପ ମା' ପଦ୍ମ ଲୋଚନ । ଦର୍ଶନେ ସର୍ବ ସଙ୍କଟ ମୋଚନ ॥
ଜୟ ଗଣେଶ କି ସୁତା ସୁହାନି । ରୁଦ୍ଧି ଶୁଦ୍ଧି ସୁପୁତ୍ରୀ ମହାଜ୍ଞାନୀ ॥
ଅଗମ୍ୟ ଅଗୋଚର ତୋର ମାୟା । ସଭିଙ୍କ ଉପରେ ତୋ କୃପାଛାୟା ॥
ମାତା ତୋ ନାମ ଅନେକ ଅଟଇ । ଅଖିଳ ବିଶ୍ୱେ କେ ବର୍ଣ୍ଣିପାରଇ ॥
ଅନେକ ରୂପ ଧରିଥାଉ ମାତା । କେ ବର୍ଣ୍ଣିବ ତୋର ଚରିତ ଗାଥା ॥
ଯେତେ ସ୍ଥାନରେ ରହିଅଛୁ ମାତ । କିଏ କହି ପାରିବ ଆଦିଅନ୍ତ ॥
ବିନ୍ଧ୍ୟଚଳରେ ମା' ବିନ୍ଧ୍ୟବାସିନୀ । କେଦାରେଶ୍ୱର ସରସ୍ୱତୀ ସୁହାନୀ ॥
କଲିକତାରେ ଅଟୁ ମାତ କାଳୀ । ଦୁଷ୍ଟ ବିନାଶିନୀ ମହା କରାଳି ॥
ସମ୍ବଲପୁରେ ବହୁଚରୀ ହେଉ । ଭକ୍ତଜନ ଦୁଃଖ କଷ୍ଟ ମେଣ୍ଟାଉ ॥
ବମ୍ବେଇନଗ୍ରେ ଅଟୁ ମହାରାଣୀ । ମହାଲକ୍ଷ୍ମୀ ମାତା ନାମ କଲେବାଣୀ ॥
ମଦୁରାରେ ମୀନାକ୍ଷୀ ନାମ ବହି । ସୁଖ ଦୁଃଖର ସବୁ ସାକ୍ଷୀ ହୋଇ ॥
ରାଜନଗରେ ମାଗୋ ଜଗଦମ୍ବେ । ଭଦ୍ରକାଳୀ ମାଗୋ ବୋଲାଉ ଅମ୍ବେ ॥
ପାବାଗଡ଼ରେ ଅଟୁ ଦୁର୍ଗା ମାତା । ବିଶ୍ୱେ ଗାଆନ୍ତି ତୋର ନାମଗାଥା ॥
କାଶୀ ପୁରାଧିଶ୍ୱରୀ ଅଟୁ ମାତା । ଅନ୍ନପୂର୍ଣ୍ଣା ନାମରେ ମା' ସୁଖ୍ୟାତା ॥
ସର୍ବଜନ କବି ମାଗେ କଲ୍ୟାଣୀ । ଦୁଃଖ ଦାରିଦ୍ର୍ୟ ବିନାଶ କାରିଣୀ ॥
ସତେ ଯତି ଋଷି ଆଉ ମୁନିଷୀ । ଦେବର୍ଷି ନାରଦ ଆଉ ମହର୍ଷି ॥
ଜଗତରେ ଯେତେକ ନରନାରୀ । ଧ୍ୟାନ ଧାରଣା କରନ୍ତି ତୋହରି ॥
ଯାହା ଉପରେ କୃପା ହୁଏ ମାତ । ଦୁଃଖ କଷ୍ଟରୁ ସେ ହୁଏ ମୁକତ ॥
ତୋର ଧ୍ୟାନ ଧାରଣା ଯେ ଧରନ୍ତି । ତୋର ମହିମା ସୁଖରେ ଗାଆନ୍ତି ॥
ନିଷ୍ଠା ଭାବରେ କରଇ ଭାବନା । ପୂର୍ଣ୍ଣକରୁ ମାତା ମନ କାମନା ॥
କୁମତି ବିନାଶି ହେଉ ସୁମତି । ଜୟତୀ ଜୟତୀ ମା' ଜଗଦ୍ଧାତ୍ରୀ ॥
ଶୁକ୍ରବାରଟି ତୋର ପ୍ରିୟଦିନ । ବ୍ରତକୁ ସେ ଦିନ କରେ ପାଳନ ॥
ଗୁଡ଼ ଚଣା ତହିଁ ଭୋଗ ଲଗାଇ । ବ୍ରତକଥା ଶୁଣି ଜନେ ଶୁଣାଇ ॥

ବିଧି ବିଧାନେ ପୂଜା ସାରି ତୋରା । ଶୁଭେ ପ୍ରସାଦ କରିବ ଆହାର ॥
ଶକ୍ତିମତେ ବ୍ରାହ୍ମଣଙ୍କୁ ଭୋଜନ । ଦେଇଣ ଦକ୍ଷିଣା କରେ ପ୍ରଦାନ ॥
ଯେଉଁ ନରନାରୀ ବ୍ରତ ପାଳନ୍ତି । ବାଞ୍ଛିତ ଫଳ ନିଶ୍ଚୟ ପାଆନ୍ତି ॥
ଭକ୍ତିକରେ ଯେ ଶରଣ ପଶଇ । ଭବସାଗରୁ ନିଶ୍ଚୟ ତରଇ ॥
ଯେଉଁ କୁମାରୀ ଏ ବ୍ରତ ପାଳଇ । ପତିବ୍ରତା ସୁହାଗିନୀ ବୋଲାଇ ॥
ଯେଉଁ ବିଧବା ଯେ କରଇ ଧ୍ୟାନ । ତାର ଦୁଃଖ କଷ୍ଟ ହୁଏ ନାଶନ ॥
ଜୟତୀ ଜୟତୀ ମାତା ସନ୍ତୋଷୀ । ଦିଅ ମାତା ବାଧାବିଘ୍ନ ବିନାଶି ॥
ମୋର ସଙ୍କଟ ଅତି ଗୁରୁତର । ମାତା ସନ୍ତୋଷୀ ମମ ଦୁଃଖ ହର ॥
ଧ୍ୟାନ ଧାରଣା କରେ ନିଶିଦିନ । ମମ ସନ୍ତୋଷୀ ମା' କର ମୋଚନ ॥
ତୋର ଚାଳିଶା ଯେ ନିତ୍ୟ ପଢ଼ିବ । ଭବସାଗରୁ ସେ ପାର ହୋଇବ ॥
ଦୁଃସାହସ ମନରେ ବଳାଇଛି । ହିନ୍ଦୀ ଭାଷାକୁ ଓଡ଼ିଆ କରିଛି ॥

— * —

## ସନ୍ତୋଷୀ ମାତାଙ୍କ ଅଷ୍ଟକ

(କରି ମସ୍ତକ କପୋଳେ - ବୃତ୍ତ)

ମଙ୍ଗଳ ମୂରତି ରୂପ ମନୋହାରୀ
ଦିବ୍ୟ ସ୍ୱରୂପ ସର୍ବଦା ଭଜିୟାରୀ । (ଘୋଷା)
ଶ୍ରଦ୍ଧା ଭକତିରେ ମାତା ଅନୁପମ
ଭକ୍ତମାନଙ୍କ ମେଣ୍ଟାଉ ମନସ୍କାମ ।
ଭକ୍ତମାନଙ୍କର ସର୍ବଦା ହିତକାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୧।
ମୁହିଁ ଅଜ୍ଞାନ ଜ୍ଞାନ ନାହିଁ କିଛି
ତୋର ଧ୍ୟାନ ଧାରଣାରେ ରହିଅଛି ।
ମମ ଅପରାଧ ଦିଅ କ୍ଷମାକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨।



ସଦା ରହୁଅଛୁ ଭକତଙ୍କ ଭିତରେ
କିଏ ନ ଜାଣନ୍ତି ଏହି ଜଗତରେ ।
ସନ୍ତୋଷୀ ମାତାଙ୍କ ନାମ ସୁଖକାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୩।
ତୋର ଶାନ୍ତ ମୂର୍ତ୍ତି ଅଟଇ ପରମ
ଶାନ୍ତି ମିଳଇ ନେଲେ ସନ୍ତୋଷୀ ନାମ ।
ନିତ୍ୟ ପୂଜନ୍ତି ଜଗତ ନରନାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୪।
ତୋର ପୂଜା ବ୍ରତକରି ଭକତଗଣ
ସଦା ସୁଖ ଶାନ୍ତି ପାଉଛନ୍ତି ଜାଣ ।
ଯେତେ ଅଛନ୍ତି ଜଗତେ ଦୁଃଖୀଆରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୫।
ନିସ୍ତାରୁଛ ମାତା ତାଙ୍କ ଦୁଃଖ କଷ୍ଟ
ତୋର ନାମରେ ମେଣ୍ଟାଉ ସବୁ ରିଷ୍ଟ ।
ଧନଧାନ୍ୟ ମିଳେ ଆଉ ସୁଖକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୬।
ସଦା ଭକ୍ତି ହିତରେ ମୋ ମନ ଧାଉ
ଭକ୍ତ ଦୁଃଖ କଷ୍ଟକୁ ନିବାରି ଦେଉ ।
ମାତା ଅନେକ ସ୍ୱରୂପ ଥାଉ ଧରି
ମଙ୍ଗଳ ମୂରତି ରୂପ ମନୋହାରୀ ।୭।
ଚଣ୍ଡୀ ଚାମୁଣ୍ଡାଙ୍କୁ ରଖି ଅନ୍ତରାଳେ
ରୂପଟି ତୋହର କାଳି ବିକରାଳେ ।
ସଦା ସର୍ବଦା ଦୁଷ୍ଟ ବିନାଶହାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୮।

ଚଣ୍ଡୀ ରୂପ ଧରୁ ମାଗୋ ସାୟୋଗୁରେ
ଦୁର୍ଗତି ଦର୍ପ ବିଦାରୁ ନିର୍ବିଘ୍ନରେ ।
ସରସ୍ୱତୀ ନାମେ ଜ୍ଞାନକୁ ପ୍ରସାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୯।
କାଶୀପୁରରେ ମାତା ତୋ ସୁଖଧାମ
ତାହା ବର୍ଣ୍ଣିବା ପାଇଁ ହେବ ସକ୍ଷମ ।
ସଦା ଶୋଭାଏ ରୂପ ତେଜିଆରୀ
ମଙ୍ଗଳ ମୂରତି ରୂପ ମନୋହାରି ।୧୦।
ସଦାକାଳେ ଧନ ଧାନ ପ୍ରଦାୟିନୀ
ଭକ୍ତ ଜନର ଅଭୟ ବରଦାନୀ ।
ନାମ ଅନ୍ନପୂର୍ଣ୍ଣା ଅନ୍ନପୂର୍ଣ୍ଣା କରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୧।
ବିକାଶ ମହିମା ମାଗୋ ସବୁଠାରେ
ଗୁଣ ବର୍ଣ୍ଣିବା ଶକ୍ତି ନାହିଁ ମୋଠାରେ ।
ଶକ୍ତିମୟୀ ଶକ୍ତି ଦିଅ ଦୟାକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୨।
ପାବାଗଡ଼ରେ ଦୁର୍ଗା ମୂରତି ଧରି
ମହିଷାସୁର ଦର୍ପ ମର୍ଦ୍ଦନକାରୀ ।
ଭକ୍ତମାନଙ୍କର ସୁଖ ବର୍ଦ୍ଧନକାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୧୩।
ବିନ୍ଧ୍ୟାଚଳରେ ମାଗୋ ବିନ୍ଧ୍ୟବାସିନୀ
ଦିନ ଦରିଦ୍ର ଦୁଃଖ ବିନାଶିନୀ ।
ସୁଖ ପାଆନ୍ତି ଭକତେ ନାମ ସ୍ମରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୪।



କାଳକିପୁରେ ମାତା ଜ୍ୱାଳାଦେବୀ
ଭକ୍ତେ ସୁଖ ପାଆନ୍ତି ତୋ ପଦ ସେବି ।
ଭବଜ୍ୱାଳା ଲିଭାନ୍ତି ଜ୍ୟୋତି ନିହାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୫।
ଓଡ଼ିଶାର ଯାଜପୁରେ ବିରଜାଇ
ସମ୍ବଲପୁରରେ ମାତା ସମଲାଇ ।
ମହିମା ବର୍ଣ୍ଣନା କେ ପାରିବ କରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୬।
ଝଙ୍କଡ଼ରେ ନାମ ମାଗୋ ତୋ ଶାରଳା
ବୋଲାଉଛୁ କାକଟପୁରେ ମଙ୍ଗଳା ।
ଚର୍ଚ୍ଚିକାରେ ଚର୍ଚ୍ଚିକାଇ ରୂପ ମାତ ଧରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୭।
କଟକରେ ମା' କଟକଚଣ୍ଡୀ ହୋଇ
କଟକ ଦୁର୍ଗତି ଦର୍ପ ଦେଉ ଦହି ।
ମାଳିସାହିରେ ଚମ୍ପା ଦେଈ ନାମ ତୋହରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୮।
ଯାର ହୃଦେ ବିରାଜୁ ସେ ହୁଏ ଧନ୍ୟ
ସୁଖ ଶାନ୍ତିରେ ବିତଇ ତାର ଦିନ ।
ତୋ ପଦ୍ମପାଦେ ସଦା ଭକ୍ତିକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୯।
ଦିନୁ ଦିନ ଦୁଃଖୀ ଭାରି ହୁଏ ମୋର
ଦୟାମୟୀ ଯେ ବୁଝ ମୋ ଖବର ।

ସଦା ସର୍ବଦା ମ଼ ତୋ କୃପା ଭିକାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୨୦।
ଜ୍ଞାନ ଚକ୍ଷୁ ଖୋଲି ଦିଅ କୃପା ବହି
ଅଧମ ଜନ ମୁଁ ମାଗୋ ଅଟଇ ।
ଶ୍ରୀଚରଣେ ମାତ୍ର ଏତିକି ଗୁହାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୧।
ତୋ ବିନା କେ ନାହିଁ ମୋ ସାହା ଭରସା
ସାହା ହୁଅ ମା'ନ କରି ଲୋକହସା ।
ଦୀନ ଦରିଦ୍ର ଦଶା ଫେଡ଼ ମୋହରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୨।
ମହା ସଙ୍କଟ ସିନ୍ଧୁରେ ନାବ ମୋର
ବୁଡ଼ି ଯାଉଛି ମାତ ଉଦ୍ଧାର କର ।
ନ ଉଦ୍ଧାରିଲେ ହେବ ନିନ୍ଦା ତୋହରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୩।
କଳି କାଳରେ ମୋ ପାପ ହେଲା ଭରି
କ୍ଷମା ଗୁଣରେ ମା ଗୋ ଦିଅ ନିବାରି ।
ଶରଣାଗତ ଜନରେ ଦୟାକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୪।
ମେଣ୍ଟାଉଛୁ ମା' କେତେ ଭକ୍ତଙ୍କ କଷ୍ଟ
ମାଗୋ ମୋ ପ୍ରତି ତିଳେ ହୋଇ ସନ୍ତୁଷ୍ଟ ।
ସର୍ବ ସଙ୍କଟରୁ ମୋତେ କର ପାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୫।
ଶ୍ରଦ୍ଧାରେ ଯେ ତୋ ନିତ୍ୟ ଅଷ୍ଟକ ପଢ଼େ
ଦିନୁ ଦିନ ତା ଧନ ସମ୍ପଦ ବଢ଼େ ।



ବାଞ୍ଛାଫଳ ଦିଅନ୍ତି ମା' ଯାଚିକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୬।
ବିଘ୍ନ ବିନାଶିନୀ ବିଘ୍ନ ନାଶି ମୋର
ଚିତ୍ତ ରହୁ ତୋ ପଦେ ହୋଇ ସ୍ଥିର ।
ଏତିକି ଦିଅ ମା' ତୁ କୃପାକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୭।

— * —

## ଅନ୍ନପୂର୍ଣ୍ଣା ମାତାଙ୍କ ବ୍ରତୋପାଖ୍ୟାନ

(ରାଗ - ରାମକେରୀ - ବୃତ୍ତେ)

ମନକର୍ଣ୍ଣ ଦେଇ ସୁଜନେ ଶୁଣ ଦେଇଣ ଚିତ୍ତ
ଅନ୍ନପୂର୍ଣ୍ଣା ବ୍ରତ ଅପୂର୍ବ କଥା ପୂର୍ବେ ରଚିତ ।
ଧନଞ୍ଜୟ ନାମେ ବ୍ରାହ୍ମଣ ଅଟେ କାଶୀ ନିବାସୀ
ସୁଲକ୍ଷଣା ନାମେ ତାହାର ପତିବ୍ରତା ପ୍ରେୟସୀ ।
ମନ ମିଳାଇ ଦୁଇ ପ୍ରାଣୀ ବିତାଉଥାନ୍ତି ଦିନ
ଦୁଃଖିତ ମନଟି କେବଳ ଅଭାବ ଥିଲା ଧନ ।
ନିର୍ଦ୍ଧନ ବୋଲିଣ ମନରେ ସୁଖ ନ ଥିଲା ତାର
ଦିନେ ସୁଲକ୍ଷଣୀ ସ୍ୱାମୀଙ୍କୁ ବସାଇଣ ପାଖର ।
କିଛି ଉପାୟ ନ କରିଲେ ଧନ ଆସିବ କାହୁଁ
ନଈବାଲି ସରିଯିବଟି ବସିଣ ଖାଉ ଖାଉ ।
ସୁଲକ୍ଷଣା କଥା ସ୍ୱାମୀର ମନକୁ ପାଇଗଲା
ଶିବଙ୍କୁ ପ୍ରସନ୍ନ କରିଣ ପୂଜାରେ ସେ ବସିଲା ।
ଭୋ ଦେବ ପୂଜା ମନ୍ତ୍ରପାଠ ମୋତେ ଆସଇ ନାହିଁ
ପ୍ରସନ୍ନ ନ ହେଲେ କେବେ ମ଼ ଜଳ ଛୁଇଁବି ନାହିଁ ।

ତିନିଦିନ ଜଳ ନ ଛୁଇଁ ଉପବାସେ ରହିଲା
କାଶୀ ବିଶ୍ୱନାଥ ଆସନ ଟଳମଳ ହୋଇଲା ।
ଅନ୍ନପୂର୍ଣ୍ଣା ନାମ କାନରେ କହିଲେ ତିନିବାର
କହି ଭୋଳାନାଥ ଚଳିଣ ଗଲେ କୈଳାସପୁର ।
ଧନଞ୍ଜୟ ମହା ଚିନ୍ତାରେ ପଡ଼ିଗଲେ ଏଥର
କେ କହିଲା ଅନ୍ନପୂର୍ଣ୍ଣା ମୋ କର୍ଣ୍ଣରେ ତିନିବାର ।
ମନ୍ଦିରରେ ଥିବା ବ୍ରାହ୍ମଣମାନଙ୍କୁ ପଚାରିଲେ
ଏହା ପ୍ରତିକାର ବିଷୟ କଥା ସବୁ ଶୁଣିଲେ ।
ଶୁଣି ଧନଞ୍ଜୟ ଚଳିଲା ସୁଲକ୍ଷଣା ନିକଟ
ସମସ୍ତ ଫିଟାଇ ତା ଆଗେ କହିଗଲା ପ୍ରକଟ ।
ସୁଲକ୍ଷଣା କହେ ସ୍ୱାମୀ ହେ ଚିନ୍ତା କରନ୍ତୁ ନାହିଁ
ମନ୍ତ୍ର ଯିଏ ଦେଇ ଅଛନ୍ତି ସେ ଯେ ବୁଝଇ ।
ଆଉ ଥରେ ତାଙ୍କୁ ପ୍ରାର୍ଥନା କର ହୋଇ ବିନୟ
ପୂର୍ବପରି ଯାଇ ଧ୍ୟାନରେ ବସିଲା ଧନଞ୍ଜୟ ।
ଶୂନ୍ୟରେ ଶଙ୍କର କହନ୍ତି ଶୁଣ ତୁ ଧନଞ୍ଜୟ
ଅନ୍ନପୂର୍ଣ୍ଣା ସ୍ମରି ହୃଦୟେ ପୂର୍ବ ଦିଗକୁ ଯାଅ ।
ଭାଗ୍ୟ ଫେରିଯିବ ତୋହରି ସୁଖ ପ୍ରାପ୍ତି ହୋଇବ
ଶୂନ୍ୟବାଣୀ ଶୁଣି ପୂର୍ବକୁ ଯାତ୍ରା କଲା ଆରମ୍ଭ ।
ପଥେ ଫଳମୂଳ ଖାଇଣ ଝରଣା ପାଣି ପିଇ
କେତେ ଦିନ ପରେ ମିଳିଲା ଏକ ଦେଶରେ ଯାଇଁ ।



ଏକ ପୁଷ୍କରିଣୀ ଅଗ୍ରରେ ଦୃଷ୍ଟି ପଡ଼େ ତାହାରି
ଦେଖିଲା କୂଳରେ କେତେକ ସୁନ୍ଦରୀ ଅପସରୀ ।
ଅନ୍ନପୂର୍ଣ୍ଣା ମାତା ବୋଲିଣ କରୁଥିଲେ ଭଜନ
ମାର୍ଗଶୀର ଶୁକ୍ଳପକ୍ଷ ଯେ ହୋଇଥିଲା ସେଦିନ ।
ଅନ୍ନପୂର୍ଣ୍ଣା ବ୍ରତ ସେଦିନ ବୋଲି ଯୋଗ ପାଇଛି
ଯେଉଁ ଅନ୍ନପୂର୍ଣ୍ଣା ଶବ୍ଦକୁ ଧନଞ୍ଜୟ ଖୋଜୁଛି ।
ନିକଟକୁ ଯାଇ ତାଙ୍କର ବିନୟେ ପଚାରିଲା
ଦେବୀମାନେ ବସି ଏଠି ଲୋ କିସ କରୁଛ ଭଲା ।
ଅପସରୀମାନେ କହନ୍ତି ଅନ୍ନପୂର୍ଣ୍ଣାଙ୍କ ବ୍ରତ
ପାଳନ କରୁଅଛୁ ଆମ୍ଭେ ସର୍ବେ ହୋଇ ଏକତ୍ର ।
ଏ ବ୍ରତ କରିଲେ କି ଫଳ ମିଳେ କୁହ ଫିଟାଇ
କିପରି ଏ ବ୍ରତ ପାଳନ୍ତି ମୋତେ ଦିଅ ବତାଇ ।
ଶ୍ରଦ୍ଧାରେ ଏ ବ୍ରତ କରିଲେ ଉପବାସ ରହିବ
ଏକୋଇଶି ଗଣ୍ଠି ବରତ ସୂତାରେ ପକାଇବ ।
ପୁଷ୍ପ ଚନ୍ଦନ ଘୃତ ଦୀପ ଭୋଗ ଆଦି ସଜାଡ଼ି
ରଖି ପୂଜା ସ୍ଥାନେ ବସିବ ଭକ୍ତିରେ କରଯୋଡ଼ି ।
ନମି ବ୍ରତ ପୋଥି ପଢ଼ିବ ଶୁଣିବେ ଶ୍ରୋତାଗଣ
ଶ୍ରୋତା ନ ମିଳିଲେ ସିପ୍ପଳି ବୃକ୍ଷଟିଏ ରଖିଣ ।
ଘୃତକୁମାରୀ ଗଛ କିମ୍ବା ତୁଳସୀ ଦେବୀଙ୍କୁ
ପ୍ରର ସୂର୍ଯ୍ୟ ଦେବତାଙ୍କୁ କିମ୍ବା ମହାଦେବଙ୍କୁ ।
ଶୁଣାଇ ଶୁଣିବ ଏ ବ୍ରତ ଭକ୍ତି ଭାବରେ ରହି
ରାଗ ଅହଙ୍କାର ବର୍ଜିଣ ଶୁଦ୍ଧ ଚିତ୍ତରେ ତହିଁ ।

ଏହିପରି ବ୍ରତ ହୁଅଇ ଯିଏ କରଇ ବ୍ରତ
ଅନ୍ନପୂର୍ଣ୍ଣା ମାତା ହୁଅନ୍ତି ତାକୁ ସନ୍ତୋଷ ଚିତ୍ତ ।
ରୋଗୀ ଥିଲେ ହୁଏ ଆରୋଗ୍ୟ ଅନ୍ଧ ପାଏ ନୟନ
ଅପୁତ୍ରିକ ଥିଲେ ପ୍ରାପତ ହୁଏ ତାକୁ ନନ୍ଦନ ।
ନିର୍ଦ୍ଧନୀକି ମାତ ଦିଅନ୍ତି ଧନରତ୍ନ ବହୁତ
ବାଞ୍ଛିତ ଫଳ ସେ ପାଆନ୍ତି ବାସନା ଯେ ଯେମନ୍ତ ।
ଏ ବ୍ରତ ପାଳିବା ପାଇଁ କି ଯେବେ ବଳିଛି ମନ
ନିଅ ବ୍ରତ ସୂତ୍ର ଆମଠୁ ବ୍ରତ କର ପାଳନ ।
ଧନଞ୍ଜୟ ଭକ୍ତି ଭାବରେ ବ୍ରତ ପାଳନ କଲା
ବ୍ରତ ପୂର୍ଣ୍ଣପରେ ପର୍ବତ ଆଡ଼କୁ ଦୃଷ୍ଟି ଦେଲା ।
ଏକୋଇଶ କୋଟି ପର୍ବତ ଦେଖିଲା ବିସ୍ମୟରେ
ହୀରା ନୀଳା ମୋତି ମାଣିକ୍ୟ ପୂର୍ଣ୍ଣ ସୁବର୍ଣ୍ଣରେ ।
ସିଡ଼ିପରେ ଉଠି ଦେଖିଲା ସୁବର୍ଣ୍ଣ ସିଂହାସନ
ବିରାଜିଛନ୍ତି ଅନ୍ନପୂର୍ଣ୍ଣା ପିନ୍ଧି ପାଟ ବସନ ।
ଭିକ୍ଷା ପାଇଁ ଶିବ ଶଙ୍କର କରୁଛନ୍ତି କାମନା
ଥାଳ ପୂର୍ଣ୍ଣକରି ଦିଅନ୍ତି ଜନନୀ ଅନ୍ନପୂର୍ଣ୍ଣା ।
ଦେବାଙ୍ଗନାମାନେ ଚାମର ପକାଉଛନ୍ତି ରହି
ଭକ୍ତଗଣେ ମିଳି ପ୍ରହରା ଦେଉଅଛନ୍ତି ତହିଁ ।
ଧନଞ୍ଜୟ ଯାଇ ବେଗରେ ଜଗଦମ୍ବାଙ୍କ ପଦେ
ପଡ଼ିଗଲା ଲମ୍ବ ହୋଇଣ ତାର ମନ ଆନନ୍ଦେ ।
ଅନ୍ନପୂର୍ଣ୍ଣା ମାତା ଜାଣିଲେ ତାର ମନ ବାସନା
ଉଠ ଧନଞ୍ଜୟ ତୋହର ପୂର୍ଣ୍ଣ କଲି କାମନା ।



ଏତେ କହି ତାର ଜିହ୍ୱାରେ ଲେଖିଲେ ବୀଜମନ୍ତ୍ର
ପ୍ରତି ଲୋମ ମୂଳ ତାହାର ବିଦ୍ୟାରେ ପ୍ରକଟିତ ।
ନୟନ ଖୋଲିଲା ବେଳକୁ ଦେଖୁଅଛି ସେ କାଶୀ
ଶ୍ରୀ ବିଶ୍ୱନାଥଙ୍କ ମନ୍ଦିରେ ଠିଆ ହୋଇଛି ଆସି ।
ଅନ୍ନପୂର୍ଣ୍ଣା ମାତାଙ୍କଠାରୁ ବରପ୍ରାପ୍ତ ହୋଇଣ
ଆନନ୍ଦରେ ଫେରିଗଲା ସେ ତାର ନିଜ ସଦନ ।
ସୁଲକ୍ଷଣା ଆଗେ ସମସ୍ତ କଥା ଫେଡ଼ି ବସିଲା
ଅଚଳା ଚଳ ସମ୍ପତ୍ତି ସେ ଚାହୁଁ ଚାହୁଁ ପାଇଲା ।
ଛୋଟ କୁଡ଼ିଆଟି ତାହାର ହୋଇଛି କୋଠାଘର
ମିଳିଗଲେ ଆସି ଅନେକ ସଖା ଓ ସହୋଦର ।
ଦେଖେଇ ଦେଖେଇ କହନ୍ତି ଏତେ ସମ୍ପତ୍ତି ଥାଇ
କି ହୋଇବ ଯେବେ କୋଳରେ ଯାର ସନ୍ତାନ ନାହିଁ ।
ମିଳିମିଶି ସର୍ବେ କରିଲେ ଆଉ ଥରେ ବିବାହ
କର ପୁତ୍ର ମୁହଁ ଦେଖିବ ତିଳେ ନାହିଁ ସନ୍ଦେହ ।
ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ଗୋଟେ ବିବାହ ହେଲା
ସୁଖ ସ୍ୱଚ୍ଛନ୍ଦରେ ସୁଖରେ ଅନେକ ଦିନ ଗଲା ।
ସପତଣୀ କ୍ଳେଶ ମନକୁ ସୁଲକ୍ଷଣା ନ ଆଣେ
ମନକୁ ନିବେଶ ଥାଏ ସେ ଅନ୍ନପୂର୍ଣ୍ଣା ଚରଣେ ।
କିଛି ଦିନ ପରେ ଆସିଲା ଯେ ମାର୍ଗଶୀର ମାସ
ସୁଲକ୍ଷଣା କହେ ସ୍ୱାମୀଙ୍କୁ ହେଲା ବ୍ରତ ଦିବସ ।
ଯାହାଙ୍କ ପୂଜା ବ୍ରତ ଫଳେ ଏତେ ସୁଖ ସମ୍ପଦ
ମିଳିଲା ସେ ବ୍ରତ ପାଳିବା ଚାଲ ହୋଇ ଆନନ୍ଦ ।

ସୁଲକ୍ଷଣା ବାଣୀ ଶୁଣିଣ ଧନଞ୍ଜୟ ଯେ ଖୁସି
ନିଷ୍ଠାଭାବେ କଲା ସେ ପୂଜା ତାର ଆସ୍ଥାନେ ବସି ।
ନିଷ୍ଠା ଭାବେ ପତିପତ୍ନୀ ଯେ ଅନ୍ନପୂର୍ଣ୍ଣାଙ୍କ ପୂଜା
ତେଣେ ନୂଆ ବୋହୂ ଜାଣିଣ ଜଳାଇଲା କଳିଜା ।
ତିନି ଦିନ ବାକି ରହିଛି ବ୍ରତ ଉଦ୍‌ଯାପନ
ମହାକୋପରେ ନୂଆ ବୋହୂ ପୂଜା ସ୍ଥାନେ ମିଳିଣ ।
ସୁଲକ୍ଷଣା ସଙ୍ଗେ ଝଗଡ଼ା କରି ଧନଞ୍ଜୟକୁ
ଧରି ନେଇଗଲା ଅମାନ୍ୟ କରି ପୂଜା ବ୍ରତକୁ ।
କାଢ଼ିନେଲା ସ୍ୱାମୀ ହାତରୁ ବ୍ରତ ମଙ୍ଗଳ ସୂତ୍ର
ରାଗରେ ନିଆଁରେ ପକାଇ ବ୍ରତ ପୋଡ଼ି ଦେଲାତ ।
ମାତା ଅନ୍ନପୂର୍ଣ୍ଣା କୋପରେ ପ୍ରଜ୍ଜ୍ୱଳିତ ହୋଇଲେ
କ୍ରୋଧାଗ୍ନିରେ ଧନଞ୍ଜୟର ଭବନ ପୋଡ଼ିଦେଲେ ।
ଧନରତ୍ନ ଆଦି ସମସ୍ତ ପୋଡ଼ି ପାଉଁଶ ହେଲା
ତକ୍ଷଣେ ଦାଣ୍ଡର ଭିକାରୀ ଧନଞ୍ଜୟ ହୋଇଲା ।
ନବ ବିଭା ତାର ବୋହୂଟି ଗଲା ବାପ ଘରକୁ
କାହାକୁ କିଛି ନ କହିଣ ଚାଲିଗଲା ମନକୁ ।

— * —

## ଦ୍ୱିତୀୟ ଅଧ୍ୟାୟ

(ଚଉଦ ଅକ୍ଷରୀ)

ପତିବ୍ରତା ସୁଲକ୍ଷଣୀ ସ୍ୱାମୀ ପାଶ ଯାଇ
ବୋଲେ ସ୍ୱାମୀ ମନେ କିଛି ଚିନ୍ତାକର ନାହିଁ ।



ଅଲୌକିକ ଅଟେ ଅନ୍ନପର୍ଣ୍ଣାଙ୍କ ମହିମା
କେ ବର୍ଣ୍ଣିବ ମୁଖେ ତାଙ୍କ କ୍ଷମାର ମହିମା ।
କାହିଁ କାହିଁ ସୁପୁତ୍ର କୁପୁତ ଯାଏ ହୋଇ
ମାତା କୁମାତା ହୁଅନ୍ତି ଦେଖିଛ କି ନାହିଁ ।
ପୁନଃରାୟ ଆରାଧନା ଗଲେ କରିବାକୁ
ମାତାଙ୍କ ଚରଣ ତଳେ ନୁଆଇଁ ମଥାକୁ ।
ମା' ଛେଉଣ୍ଡ ପିଲା ପରି ହୋଇ ଦୁଇ ପ୍ରାଣୀ
ମାତାଙ୍କ ଚରଣେ ମଥା ପିଟିଲେ ସେ କ୍ଷଣି ।
ପୁଣି ସେହି ସରୋବରେ ସିଡ଼ି ପ୍ରକଟିତ
ଧନଞ୍ଜୟ ପାଇ ହେଲା ପୂର୍ବ ପରି ମତ୍ତ ।
ସିଡ଼ିରୁ ଫୁଲ ପରିବା ଦେଲେ ଧନଞ୍ଜୟକୁ
ଟେକି ନେଲେ ମାତା ଆସି ଆଉ ଥରେ ତାକୁ ।
ଦେବାଙ୍ଗନାମାନେ ଖାଇବାକୁ ଗୋଡ଼ାଇଲେ
ମାତାଙ୍କ ବାରଣ ମାନି ଛାଡ଼ି ପଳାଇଲେ ।
ସବୁଦୋଷ କ୍ଷମ ମୋତେ ସୁପ୍ରସନ୍ନ ହୋଇ
ଏହିପରି ଭୁଲ କେବେ ନ କରିବି ମୁହିଁ ।
ବୋଲଇ ଏହାକୁ ମିଳି ଦୁହେଁ ପୂଜାକର
ପୂର୍ବପରି ପରିପୂର୍ଣ୍ଣ ହେବ ତୋର ଘର ।
ସୁଲକ୍ଷଣା ଭକ୍ତିରେ ତୋ ସନ୍ତାନ ହୋଇବ
ସୁନ୍ଦର କୁମର ଜାଣି କୋଳକୁ ଆସିବ ।
ଧନଞ୍ଜୟ ଆଖି ଖୋଲି ଚାହିଁଲା ବେଳକୁ
ପୂର୍ବ ପରି ଦେଖେ କାଶୀ ଶ୍ରୀବିଶ୍ୱନାଥଙ୍କୁ ।

ବିଶ୍ୱନାଥଙ୍କୁ ପ୍ରଣମି ଆସିଲା ସେ ଫେରି
ଜଳି ଯାଇଥିବା ଘର ଦେଖେ ପୂର୍ବ ପରି ।
ଯେପରି ଆନନ୍ଦେ ଥିଲା ସେପରି ରହିଲା
ସୁଲକ୍ଷଣା ଗର୍ଭୁ ଏକ ପୁତ୍ର ଜନମିଲା ।
ଦୁହେଁ ଉଦ୍‌ଯାପନ କଲେ ବ୍ରତ ସମାପନ
ବିସ୍ମିତ ହୋଇଲେ ଦେଖି ଗ୍ରାମବାସୀଗଣ ।
କଲେ ଅନ୍ନପୂର୍ଣ୍ଣା ବ୍ରତ ଗ୍ରାମବାସୀଗଣ
ଯାର ଯାହା ଇଚ୍ଛା ଥିଲା ହୋଇଲା ପୂରଣ ।
ଗ୍ରାମବାସୀ ମିଳି ଏକ ମନ୍ଦିର ନିର୍ମାଣ
କରିଣ ଅନ୍ନପୂର୍ଣ୍ଣାଙ୍କୁ କରିଲେ ସ୍ଥାପନ ।
ଜୟ ଅନ୍ନପୂର୍ଣ୍ଣା କହିଣ ହୋମ ଯଜ୍ଞ ବ୍ରତ
ମନ୍ଦିରେ ଧନଞ୍ଜୟକୁ କଲେ ପୁରୋହିତ ।
ମନ୍ଦିର ନିକଟେ ଏକ ପ୍ରାସାଦ ତୋଳିଲେ
ଧନଞ୍ଜୟକୁ ଆଚାର୍ଯ୍ୟ ରୂପେ ରଖାଇଲେ ।
ଦ୍ୱିତୀୟ ପତ୍ନୀ ତାହାର ବାପ ଘରେ ଥିଲା
ଡକାୟତଙ୍କ ଦାଉରେ ସବୁ ଚୋରି ଗଲା ।
ଭିକ୍ଷା ବୃତ୍ତି କରି ପେଟ ପୋଷିବାକୁ ତାର
କରୁଥିଲେ ସୁଲକ୍ଷଣା ପାଇଲା ଖବର ।
ଅନ୍ନପୂର୍ଣ୍ଣା ମାତା ଧନଞ୍ଜୟର ଭଣ୍ଡାର
ଯେପରି ପୂର୍ଣ୍ଣ କଲେ ସେପରି ସଭିଙ୍କର ।
ପୂର୍ଣ୍ଣ କରନ୍ତୁ ମାତାଙ୍କ ପଦେ ମୋର ଅଳି
ଦିଅ ସର୍ବେ ହରିବୋଲ ଶଙ୍ଖ ହୁଳହୁଳି ।



ଯେହୁ ଅନ୍ନପୂର୍ଣ୍ଣା ବ୍ରତ ଗାଥା ହୋଇଲା ସମ୍ପୂର୍ଣ୍ଣ
ପ୍ରସାଦ ପାଇଣ ଗୃହେ କରିଲେ ଗମନ ।
ଭକ୍ତିହୀନ ଅଜ୍ଞାନ ମୁଁ ଅଟଇ ମୂଢ଼ମତି
ଅନ୍ନପୂର୍ଣ୍ଣା ମାତା ପାଦେ ମା଼ଠର ପ୍ରଣତି ।

— * —

## ଯମୁନା ମାତାଙ୍କ ବନ୍ଦନା

(କିଶୋରୀ ବଧୂର - ବୃତ୍ତେ)

ଜୟ ମା ଯମୁନା ତୁମରି କରୁଣା
ନାରୀ ବିଶ୍ୱରେ ବିଖ୍ୟାତ ।
ତୋ ନିର୍ମଳ ଜଳ କୁଳୁ କୁଳୁ ସ୍ୱନେ
ବହୁଅଛି ଅବିରତ, ଗୋ ମାତ
ପ୍ରଖର ଗତି ଯାହାର ସ୍ରୋତ, ଗୋ ମାତ ।
ତୋ ତଟିନୀ ନାମ ବୃନ୍ଦାବନ ଧାମ
ରାମ କୃଷ୍ଣ କ୍ରୀଡ଼ାରତ
କରୁଥିଲେ ରହି ମୁନି ଋଷି ତହିଁ
ସ୍ୱାହାନେ ହୋଇ ତୃପତ, ଗୋ ମାତ ।
ଅମରାସନ ହେଲେ ପ୍ରାପତ, ଗୋ ମାତ ।
ମୁହିଁ ମୂଢ଼ମତି ନ ଜାଣଇ ଭକ୍ତି
ଚରଣେ ମିନତି ମୋର
ଦୟା ବହି ମାତ କରୁଣା କିଞ୍ଚିତ
କୃପାକରି ଦାନକର, ଗୋ ମାତ
ନ ଜାଣଇ ମୁହିଁ ପୂଜା ବ୍ରତ, ଗୋ ମାତ ।

ତୁମ ଉପାସନା ତୁମ ଆରାଧନା
କରି ପାରିବି ଯେମନ୍ତ ।
ଦୟାମୟୀ ମାତ ବାରେ ଦୟା ବହି
ବତାଇ ଦିଅ ସମସ୍ତ, ଗୋ ମାତ ।
ତୋର ପଦ୍ମପାଦେ ରହୁ ମୋର ଚିତ୍ତ
ପଦେ ପ୍ରାର୍ଥନା ଏତିକି ମାତ୍ର
କଳ୍ପତରୁ କରେ ପ୍ରଣିପାତ, ଗୋ ମାତ ।

— * —

## ନୈବେଦ୍ୟ ସମୟେ ଜଣାଣ

(ଓଁ ହ୍ଲୀଂ କ୍ଲୀଂ ଶ୍ଲୀଂ ସନ୍ତୋଷୀମାତା ନୈବେଦ୍ୟଂ ସ୍ୱାହା)

ଭୋଗ ଲଗାଓ ମୈୟା ଯୋଗେଶ୍ୱରୀ, ଭୋଗ ଲଗାଓ ମୈୟା ଭୁବନେଶ୍ୱରୀ,
ଭୋଗ ଲଗାଓ ଅନ୍ନପୂର୍ଣ୍ଣେଶ୍ୱରୀ, ମଧୁର ପଦାରଥ୍ ମନ ନା ଭାୟୋ
ଥାଲ ସଜାଡ଼ି ଖଜା କ୍ଷୀର, ପ୍ରେମ ସହିତ ବିନତି କରୁ ଧୀର ।
ତୁମ ମାତା କରୁଣା ଗମ୍ଭୀର ଭକ୍ତି, ଚଣା, ଗୁଡ଼ ପ୍ରିୟ ପ୍ରାୟେ ।
ଶୁକ୍ରବାର ତେରେ ଦିନ ପ୍ୟାରେ, କଥା ପଦାରେ ଦୁଃଖ ଠାରେ ।
ଭାବ ମୁକୁଳ ତେରେ ନ୍ୟାରୋ, ମନ ମାନେ ମୁଖ ପ୍ରଗଟୟେ ।

-: ସମାପ୍ତ :-



ଅକ୍ଷରସଜ୍ଜା : ଲିପି ସଜ୍ଜା : ସୋମନାଥ ଡି.ଟି.ପି. ସେଣ୍ଟର, ଫୋ : ୨୩୦୨୫୯୬
ମୁଦ୍ରଣ: ଲୋକନାଥ-ପ୍ରିଣ୍ଟର୍ସ, ଅଲିଶାବଜାର, କଟକ-୨

ମୂଲ୍ୟ ସାତ ଟଙ୍କା ମାତ୍ର